## ଆଜି କ'ଣ କେଉଁଠି

**ସମ୍ବଲପୁର**

- ଜେଏସ୍‌ଡବ୍ଲ୍ୟୁ ବିପିଏସ୍‌ଏଲ ପକ୍ଷରୁ ୱାକାଥନ କାର୍ଯ୍ୟକ୍ରମ, ହାୱା ମଇଦାନ, ସକାଳ ୬ଟା ।
- ସାମୂହିକ ନମାଜ ପାଠ, ସାକ୍ଷୀପଡା ଇଦ୍‌ଗା, ସକାଳ ୭ଟା ।
- ବଡବଜାର ଏକତା ଗ୍ରୁପ ପକ୍ଷରୁ ରକ୍ତଦାନ ଶିବିର, ରାଧାମାଧବ ମନ୍ଦିର, ସକାଳ ୮ଟା ।
- ମୁଦିପଡା ଜଗନ୍ନାଥଙ୍କ ସୁନାବେଶ, ମନ୍ଦିର ସମ୍ମୁଖ, ପୂର୍ବାହ୍ନ ୧୦ଟା ।
- ବ୍ରହ୍ମପୁରା ଠାକୁରଙ୍କ ସୁନାବେଶ, ଝାଡୁଆପଡା, ପୂର୍ବାହ୍ନ ୧୦ଟା ।
- କ୍ଷେତରାଜପୁର ଜଗନ୍ନାଥଙ୍କ ସୁନାବେଶ, ମନ୍ଦିର ସମ୍ମୁଖ, ପୂର୍ବାହ୍ନ ୧୦ଟା ।

## ସଂକ୍ଷେପରେ

### ନାବାର୍ଡ ପକ୍ଷରୁ ଔଷଧ ପ୍ରଦାନ

**ସମ୍ବଲପୁର,୯।୭(ବ୍ୟୁରୋ):** ବୁର୍ଲାରେ ଥିବା ଟଙ୍କିକିଆ କ୍ଲିନିକକୁ ନାବାର୍ଡ ପକ୍ଷରୁ ଶନିବାର ଔଷଧ ଓ ଉପକରଣ ପ୍ରଦାନ କରାଯାଇଛି। ନାବାର୍ଡ ରାଜ୍ୟ କାର୍ଯ୍ୟାଳୟ ମୁଖ୍ୟ ସୁନୀଲ କୁମାର ତରାଇ, ଦେବାଶିଷ ମଲ୍ଲିକ ଉପସ୍ଥିତ ରହି କ୍ଲିନିକ କରିଥିବା ଡାକ୍ତର ଶଙ୍କର ରାମଚନ୍ଦାନୀଙ୍କୁ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧରେ ଖବରଦାତା ପ୍ରଫୁଲ୍ଲ କୁମାର ଦାସଙ୍କ ସହ ଆଦର୍ଶ ଅନୁଷ୍ଠାନର ସଦସ୍ୟ ଉପସ୍ଥିତ ରହିଥିଲେ। ସୂଚନା ଯୋଗ୍ୟ ବୁର୍ଲାଠାରେ ଡାକ୍ତର ରାମଚନ୍ଦାନି ୨ବର୍ଷ ହେବ ଗରିବ ରୋଗୀମାନଙ୍କ ପାଇଁ ଟଙ୍କିକିଆ କ୍ଲିନିକ ଖୋଲି ଚିକିତ୍ସା କରି ଆସୁଛନ୍ତି।

### ହାଇକୋର୍ଟ ବେଞ୍ଚ ଦାବିରେ ଓକିଲଙ୍କ ଚେତାବନୀ ଦିବସ

**କୁଚିଣ୍ଡା,୯।୭(ଡି.ଏନ.ଏ.):** ପଶ୍ଚିମ ଓଡ଼ିଶାରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବିରେ ଶୁକ୍ରବାର କୁଚିଣ୍ଡା ଓକିଲ ସଂଘ ପକ୍ଷରୁ ଚେତାବନୀ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଓକିଲ ସଂଘ ପକ୍ଷରୁ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ କୁଚିଣ୍ଡା ଉପଜିଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି। ସଂଘ ସଭାପତି ପ୍ରମୋଦ ଛୁରିଆଙ୍କ ନେତୃତ୍ୱରେ ସମସ୍ତ ସଦସ୍ୟ ଶୋଭାଯାତ୍ରାରେ ସହର ପରିକ୍ରମା କରି ଉପଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ପହଞ୍ଚିଥିଲେ। ସେଠାରେ ବିକ୍ଷୋଭ ପ୍ରଦର୍ଶନ ପରେ ଉପଜିଲାପାଳ ଆଦିତ୍ୟ ଗୋଏଲଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ସଂଘର ସଚିତା ଶର୍ମା, ପ୍ରଶାନ୍ତ କର, ମୀନକେତନ ମିଶ୍ର, ଅକ୍ଷୟ ମିଶ୍ର, ସ୍ୱପ୍ନେଶ୍ୱର କିଷାନ, ତୁଳାରାମ ବାଘ, ସଞ୍ଜୟ ବେହେରା, ରବୀନ୍ଦ୍ର ପରିଡା, ସଞ୍ଜୟ ପାଣିଗ୍ରାହୀ, ଅଶୋକ ମହାପାତ୍ର, ପିଙ୍କୁ ପାଣି ପ୍ରମୁଖ ଉପସ୍ଥିତ ଥିଲେ।

### ଲାଇଝାର ଗ୍ରାମରେ ବୃକ୍ଷ ରୋପଣ

**ଜମନକିରା,୯।୭(ଡି.ଏନ.ଏ.):** ବାମରା ବନ୍ୟପ୍ରାଣୀ ବନଖଣ୍ଡ ବଡରମା ରେଞ୍ଜ ଲାଇଝାର ଗ୍ରାମରେ ବନ ବିଭାଗ ପକ୍ଷରୁ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରକୃତି ବନ୍ଧୁ ସୁବାସ ଚନ୍ଦ୍ର ନାୟକ, ସ୍ଥାନୀୟ ସରପଞ୍ଚ ବିଜୟ କୁମାର ନାୟକ ଅତିଥିଭାବେ ଯୋଗ ଦେଇଥିଲେ। ବାନାଞ୍ଚଳ ଅଧିକାରୀ ଦିଲୀପ ମଣ୍ଡୋଲ, ବନପାଳ ଭେଙ୍କେଟେଶ୍ୱର ପିଙ୍ଗ, ବନରକ୍ଷୀ ସସ୍ମିତା ପଟେଲଙ୍କ ସମେତ ବିଦ୍ୟାଳୟର ଶିକ୍ଷକ, ଛାତ୍ରୀଛାତ୍ର ଉପସ୍ଥିତ ରହି ବୃକ୍ଷ ରୋପଣ କରିଥିଲେ। ପରେ ସରପଞ୍ଚ ନାଏକ ଓ ୱାର୍ଡ଼ସଭ୍ୟ ଓଡସିଂ ଗ୍ରାମର ସ୍ୱର୍ଗତ ଭିମା ରଣାଙ୍କ ସ୍ତ୍ରୀଙ୍କୁ ହରିଶ୍ଚନ୍ଦ୍ର ଯୋଜନାରେ ୨୦୦୦ ଟଙ୍କା ପ୍ରଦାନ କରିଥିଲେ।

### ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରରେ ବନ ମହୋତ୍ସବ

**କୋଲାବିରା,୯।୭(ଡି.ଏନ.ଏ.):** ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା ଓ ଗବେଷଣା କେନ୍ଦ୍ର ଦିବ୍ୟଜ୍ୟୋତି ସମାସିଂହାଠାରେ ଶନିବାର ବନମହୋତ୍ସବ ପାଳିତ ହୋଇଯାଇଛି। ପ୍ରଧାନଶିକ୍ଷକ ବାସନ୍ତୀ ସାହୁଙ୍କ ନେତୃତ୍ୱରେ ଛାତ୍ରୀଛାତ୍ର ଓ ଶିକ୍ଷକମାନେ ସହଯୋଗ କରିଥିଲେ। କୋଲାବିରା ବନ ବିଭାଗ ଅଧିକାରୀ ସନ୍ତୋଷ କୁମାର ବାରିକ ଓ ସୁଜିତ କୁମାର ବସ୍ତିଆ ଅତିଥି ଭାବେ ଯୋଗଦେଇ ବନ ମହୋତ୍ସବ ପାଳନର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କୁ ନେଇ ଏକ ସଭା ଅନୁଷ୍ଠିତ ହୋଇଥିଲା। ଶିକ୍ଷାକେନ୍ଦ୍ର ଛାତ୍ରୀଛାତ୍ର ଓ ଅପାଭାଇ ଛତିଆନ, ନିମ୍ବ, ମୁଚୁକୁନ୍ଦ, ଶିଶୁ, ପିଜୁଳି, ଆମଡା, ଅଁଳା, ଜାମୁ, କରଞ୍ଜ, ଗମ୍ଭାରୀ, ଶିରିସ ଆଦି ପ୍ରଜାତିର ଚାରା ରୋପଣ କରିଥିଲେ।

# ବାହୁଡ଼ିଲେ ମହାବାହୁ

**ସମ୍ବଲପୁର,୯।୭ (ବ୍ୟୁରୋ)**



ମୁଦିପଡା ବାହୁଡା ଯାତ୍ରାରେ ଠାକୁରଙ୍କ ପହଣ୍ଡି ବିଜେ ।

ଆଷାଢ଼ ଶୁକ୍ଳପକ୍ଷ ଦଶମୀ ତିଥିରେ ଶନିବାର ରୀତିନୀତି ଅନୁସାରେ ସମ୍ବଲପୁର ସହରରେ ବାହୁଡା ଯାତ୍ରା ସମ୍ପନ୍ନ ହୋଇଛି । ଜଗତର ନାଥ ଜଗନ୍ନାଥ ମାଉସୀ ମା' ମନ୍ଦିରରୁ ରତ୍ନ ବେଦୀକୁ ବାହୁଡିଛନ୍ତି । ସମ୍ବଲପୁର ସହରର ୨୭ଟି ଜଗନ୍ନାଥ ମନ୍ଦିର ମଧ୍ୟରୁ ୨୫ଟିରେ ବାହୁଡା ଯାତ୍ରା ଅନୁଷ୍ଠିତ ହୋଇଛି । କୁନି ପିଲାଙ୍କ ବାହୁଡା ଯାତ୍ରାରେ ଜୟ ଜଗନ୍ନାଥ ଧ୍ୱନିରେ ସହର ପ୍ରକମ୍ପିତ ହୋଇଥିଲା ।

ପରମ୍ପରାକୁ ଆଧାର କରି ସକାଳେ ପହଣ୍ଡି ବିଜେ, ଛେରାପହଁରା, ରଥ ଛୁଆଁ ଦେଖିବାକୁ ଭକ୍ତଙ୍କ ଭିଡ଼ ହୋଇଥିଲା । ଗୋଧୂଳି ଲଗ୍ନରେ ରଥାରୂଢ଼ ଠାକୁରଙ୍କ ସ୍ୱତନ୍ତ୍ର ଆଳତି ହୋଇଥିଲା । ଏହାପରେ ରଥଯାତ୍ରା ଆୟୋଜକ କମିଟି ଓ ଭକ୍ତମାନେ ମିଳିତ ଭାବେ ରଥ ଟାଣିଥିଲେ । ଘଣ୍ଟ, ଶଙ୍ଖ, ହରିବୋଲ, ହୁଳହୁଳି, ସମ୍ପ୍ରଦା, ସଂକୀର୍ତ୍ତନରେ ମୁଖରିତ ହୋଇଥିଲା ମାଉସୀ ମା' ମନ୍ଦିର ପରିସର । ଝାଡୁଆପଡ଼ା ବ୍ରହ୍ମପୁରା ଠାକୁରଙ୍କ ବାହୁଡା ଯାତ୍ରାରେ ରଥଟଣା ହେବା ପରେ ମହାନ୍ତିପଡ଼ାର ଦଧିବାମନ, କୁଞ୍ଜେଲପଡ଼ାର ହୋତାପଡ଼ା ଠାକୁର, ହାଟପଡ଼ାର ସତ୍ୟବାଦୀ, ଦଲେଇପଡ଼ାର ମଦନ ମୋହନ ଓ ଲିଆଖାଇ, ନନ୍ଦପଡ଼ାର ଯଜ୍ଞବରାହ, ଗୁରୁପଡ଼ାର ଟିମିନି, ବାଲିବନ୍ଧାର କୋଠା ମହାପ୍ରଭୁ, ମୁଦିପଡ଼ାର ଜଗନ୍ନାଥ, ମଠପାଲିର ରାନିମଠ, ଭତ୍ରାର ରାମଜୀ ମଠ, ଧନୁପାଲିର ଗୋପାଳଜୀ, କମଳିବଜାରର ଗୋପାଳଜୀ ମଠର ଜଗନ୍ନାଥ, ବୁଢ଼ାରଜା, ଧନକଉଡ଼ା, ଗୋଲବଜାର, କ୍ଷେତରାଜପୁର, ବଡ଼ବଜାର, ବାଲିବନ୍ଧାର ରଘୁନାଥଜୀଉ ରଥାରୂଢ ହୋଇ ସ୍ୱମନ୍ଦିର ଅଭିମୁଖେ ବାହାରିଥିଲେ । ରାତିରେ ରଥାରୂଢ଼ ଠାକୁର ସ୍ୱମନ୍ଦିର ସମ୍ମୁଖରେ ପହଞ୍ଚିଛନ୍ତି । ରବିବାର ପ୍ରାତଃ ପୂଜାର୍ଚ୍ଚନା ପରେ ସେବାୟତମାନେ ଠାକୁରଙ୍କୁ ସୁନାବେଶରେ ସଜ୍ଜିତ କରିବେ । ପୂର୍ବାହ୍ନ ୧୦ଟାରୁ ଝାଡୁଆପଡ଼ା ବ୍ରହ୍ମପୁରା, ମୁଦିପଡା, କ୍ଷେତରାଜପୁର, ସାକ୍ଷୀ ଗୋପୀନାଥପଡ଼ା ଓ ଧନୁପାଲି ଠାକୁର ସୁନାବେଶରେ ଭକ୍ତଙ୍କୁ ଦର୍ଶନ ଦେବା ନୀତି ରହିଛି ।

**ଜୟ ଜଗନ୍ନାଥ ଧ୍ୱନିରେ ପ୍ରକମ୍ପିତ ହେଲା ସହର**

## ସୁଗୁଡ଼ା ପଞ୍ଚାୟତ ନିର୍ବାହୀ ଅଧିକାରୀ ନିଲମ୍ବିତ

**ଦେବଗଡ, ୯।୭(ଡି.ଏନ.ଏ.)**



ନିଲମ୍ବିତ ପିଇଓ ଲୀଲାବତୀ ବେହେରା ।

ଦେବଗଡ ଜିଲା ତିଲେଇବଣି ବ୍ଲକ ସୁଗୁଡା ଗ୍ରାମ ପଞ୍ଚାୟତ ନିର୍ବାହୀ ଅଧିକାରୀ ଲୀଲାବତୀ ବେହେରାଙ୍କୁ କାର୍ଯ୍ୟରୁ ନିଲମ୍ବନ କରାଯାଇଛି । ଜିଲାପାଳ ସୋମେଶ କୁମାର ଉପାଧ୍ୟାୟ କାର୍ଯ୍ୟରୁ ନିଲମ୍ବିତ କରିଥିବା ଜଣାପଡିଛି । ନିଲମ୍ବନ ସମୟରେ ସେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ତଥା ଜିଲା ପରିଷଦ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ବିନା ଅନୁମତିରେ ହେଡକ୍ୱାର୍ଟର୍ସ ଛାଡି ପାରିବେ ନେହିଁ ବୋଲି ନିଲମ୍ବନ ଆଦେଶରେ ଉଲ୍ଲେଖ କରାଯାଇଛି । ପଞ୍ଚାୟତ ନିର୍ବାହୀ ଅଧିକାରୀ(ପିଇଓ) ବେହେରାଙ୍କ ବିରୋଧରେ ପୂର୍ବରୁ ବିଭିନ୍ନ ଅନିୟମିତତା ଅଭିଯୋଗ ହୋଇ ଆସୁଥିଲା । ଗତ ସୋମବାର ସୁଗୁଡା ପଞ୍ଚାୟତ କାର୍ଯ୍ୟାଳୟରେ ଜିଲା ପ୍ରଶାସନ ପକ୍ଷରୁ ଯୁଗ୍ମ ଅଭିଯୋଗ ଶୁଣାଣି ଚାଲିଥିବା ବେଳେ ଜଣେ ଅସହାୟ ବୃଦ୍ଧା ସେଠାରେ ପହଞ୍ଚି ଭତ୍ତା କରାଇଦେବାକୁ କହି ପିଇଓ ତାଙ୍କଠାରୁ ୫ଶହ ଟଙ୍କା ନେଇଥିବା ଅଭିଯୋଗ କରିଥିଲେ । ଏଥିରେ ଜିଲାପାଳ ଉପାଧ୍ୟାୟ ବିରକ୍ତି ପ୍ରକାଶ କରିବା ସହ ଅଭିଯୋଗର ତଦନ୍ତ କରିବାକୁ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକଙ୍କୁ ନିର୍ଦ୍ଦେଶ ଦେଇଥିଲେ । ତଦନ୍ତ ରିପୋର୍ଟ ମିଳିବା ପରେ ଜିଲାପାଳ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି ।

## ପଦାରେ ପଡ଼ିଛି କୋଭିଡ୍ ପରୀକ୍ଷା କିଟ୍

**ପଦ୍ମପୁର,୯।୭(ଡି.ଏନ.ଏ.)**

ପଦ୍ମପୁର ଉପଖଣ୍ଡ ଚିକିତ୍ସାଳୟ ପଛପଟରେ ଥିବା ମ୍ୟାନେଜର କଁଟା ଓ ସତର ବନ୍ଧ ମଝିରେ ଲକ୍ଷାଧିକ ଟଙ୍କାର କୋଭିଡ୍ ପରୀକ୍ଷା କିଟ୍ (ଆଣ୍ଟିଜେନ) ପଡିରହିଛି । ଶନିବାର କେତେକ ଯୁବକ ଗୋଟିଏ ବ୍ୟାଗ୍‌ରେ କିଛି କାଗଜ ଥିବା ଦେଖି ଗୋଟିଏ ଡବାକୁ ଖୋଲିଥିଲେ । ସେଥିରେ ତିନୋଟି ପ୍ୟାକେଟରୁ ୭୫ଟି ଆଣ୍ଟିଜେନ ଟେଷ୍ଟ କିଟ୍ ଥିଲା । ପରେ ଅନ୍ୟ ଡବା ଖୋଲିବାରୁ ଏହି କିଟ୍ ବାହାରିଥିଲା । ଗୋଟିଏ ଡବାରେ ୨୫ଟି କିଟ୍ ରହିଥିବା ବେଳେ ତାର ମୂଲ୍ୟ ୩୭ହଜାର ୫ଶହ ରହିଛି ।

# ଜନ୍ମବେଦୀରୁ ବାହୁଡ଼ିଲେ ଚତୁର୍ଦ୍ଧାମୂର୍ତ୍ତି



କୋଲାବିରାଠାରେ ଠାକୁରଙ୍କୁ ପହଣ୍ଡିକରି ନିଆଯାଉଛି ।



ରେଢ଼ାଖୋଲରେ ବାହୁଡାଯାତ୍ରାରେ ଶ୍ରଦ୍ଧାଳୁଙ୍କ ସମାଗମ ।

**କୋଲାବିରା,୯।୭ (ଡି.ଏନ.ଏ.)**

ଝାରସୁଗୁଡ଼ା ଜିଲା କୋଲାବିରାରେ ଶନିବାର ବାହୁଡାଯାତ୍ରା ସମ୍ପନ୍ନ ହୋଇଛି । ଜନ୍ମବେଦୀରୁ ବାହୁଡିଛନ୍ତି ଚତୁର୍ଦ୍ଧାମୂର୍ତ୍ତି । ସକାଳେ ମହାପ୍ରଭୁଙ୍କ ପହଡଭଙ୍ଗ, ଦ୍ୱାରଫିଟା ନୀତି ଓ ସକାଳଧୂପ ଆଦି ସରିବା ପରେ ପୂର୍ବାହ୍ନ ପ୍ରାୟ ୧୧ଟାରେ ବେଶ କରାଯାଇଥିଲା । ଅପରାହ୍ନରେ ପ୍ରଭୁ ପହଣ୍ଡି ହୋଇ ରଥାରୂଢ ହେବା ସହିତ ଜଗନ୍ନାଥ ମନ୍ଦିର ଅଭିମୁଖେ ଯାତ୍ରା କରିଥିଲେ ।

୯ଦିନ ଧରି ଲୀଳା କରିବା ପରେ ତିନିଠାକୁର ବାହୁଡାଯାତ୍ରାରେ ସ୍ୱ ମନ୍ଦିରକୁ ଫେରିଆସିଛନ୍ତି । ଭକ୍ତମାନେ ରଥକୁ ଜଗନ୍ନାଥ ମନ୍ଦିର ପର୍ଯ୍ୟନ୍ତ ଟାଣି ନେଇଥିଲେ । ଜମିଦାରବୀର ଅମରେନ୍ଦ୍ର ପ୍ରତାପ ସିଂ ଆଜ୍ଞାମାଳ ପାଇବା ପରେ ଛେରାପହଁରା କରି ପହଣ୍ଡିବିଜେ ହୋଇଥିଲା । ତତ୍ ପଶ୍ଚାତ ତିନି ଠାକୁରଙ୍କୁ ରଥାରୂଢ କରାଯାଇଥିଲା । ଏହି ଅବସରରେ ଅନେକେ ପରମ୍ପରାଗତ ଭାବରେ ଶିଶୁଙ୍କୁ ରଥ ଛୁଆଁଇଥିଲେ । ଗ୍ରାମବାସୀ ତଥା ଜଗନ୍ନାଥ ମନ୍ଦିର କମିଟି କର୍ମକର୍ତ୍ତା ଉପସ୍ଥିତ ରହି ବାହୁଡାଯାତ୍ରା ପରିଚାଳନା କରିଥିଲେ । ରଥଟଣା ସରିବା ପରେ ରଥ ଉପରେ ମହାପ୍ରଭୁଙ୍କ ଅନ୍ୟାନ୍ୟ ନୀତି ସମ୍ପନ୍ନ ହୋଇଥିଲା । କୋଲାବିରା ଥାନା ଏସ୍‌ଆଇ ସନ୍ତୋଷ ପ୍ରଧାନ ଓ ପୋଲିସ କର୍ମଚାରୀ ଉପସ୍ଥିତ ରହି ଶାନ୍ତିଶୃଙ୍ଖଳା ରକ୍ଷା କରିଥିଲେ ।

**ରେଢ଼ାଖୋଲ (ଡି.ଏନ.ଏ.)**

ରେଢ଼ାଖୋଲରେ ଶନିବାର ମହାପ୍ରଭୁଙ୍କ ବାହୁଡ଼ାଯାତ୍ରା ଅନୁଷ୍ଠିତ ହୋଇଛି । ଏଥିରେ ପ୍ରାୟ ୫୦ ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା । ମାଉସୀ ମା' ମନ୍ଦିରରେ ପୂଜାର୍ଚ୍ଚନା ପରେ ଜଗତର ନାଥ ଶ୍ରୀ ଜଗନ୍ନାଥ, ଦେବୀ ସୁଭଦ୍ରା, ଭାଇ ବଳଭଦ୍ର, ଦଧିବାମନ ଜୀଉ ଓ ସୁଦର୍ଶନ ଠାକୁରଙ୍କୁ ବ୍ରହ୍ମସମାଜର ପଣ୍ଡିତମାନେ ପହଣ୍ଡି ବିଜେ କରି ରଥାରୂଢ କରିଥିଲେ । ରାଜ ପରିବାରର ପୃଥୀରାଜ ଦେଓ ଜେନାମଣି ଛେରାପହଁରା କରିଥିଲେ । ପହଣ୍ଡି ଓ ରଥଟଣା ସମୟରେ ହୁଳହୁଳି ବାଜା, ଘଣ୍ଟ, ଶଙ୍ଖ ଧ୍ୱନିରେ ସହର ଉତ୍ସବମୁଖର ହୋଇଉଠିଥିଲା । ପହଣ୍ଡି ବିଜେକରି ପ୍ରଭୁ ଜଗନ୍ନାଥ, ସୁଭଦ୍ରା ଓ ବଳଭଦ୍ରଙ୍କୁ ବଡରଥ ଏବଂ ଦଧିବାମନ ଜୀଉ ଓ ସୁଦର୍ଶନଙ୍କୁ ସାନ ରଥରେ ରଥାରୂଢ କରାଯାଇଥିଲା । ଅପରାହ୍ନ ୪ଟାରେ ରଥ ଟଣାହୋଇ ବଡଦାଣ୍ଡରେ ଦୁଇ ରଥ ରଖାଯାଇଛି । ରବିବାର ରଥ ଟଣାଯାଇ ରଥ ଉପରେ ଠାକୁରମାନଙ୍କ ସୁନା ବେଶ ଅନୁଷ୍ଠିତ ହେବ । ରଥଟଣା ଓ ପହଣ୍ଡି ବିଜେ ସମୟରେ ଡେପୁଟି କଲେକ୍ଟର ପ୍ରିତିଶ ପଣ୍ଡା, ବ୍ଲକ ଅଧ୍ୟକ୍ଷ ପ୍ରଦୀପ ପ୍ରଧାନ, ଏସଡିପିଓ ପ୍ରଶାନ୍ତ କୁମାର ମେହେର, ଥାନା ଅଧିକାରୀ ସୁରୁବାବୁ ଛତ୍ରିଆ, କିସିଣ୍ଡା ଥାନା ଅଧିକାରୀ ପ୍ରଶାନ୍ତ କୁମାର ସାମଲ, ପୂର୍ବତନ ଏନ୍‌ଏସି ଉପାଧ୍ୟକ୍ଷ ସୁନିଲ କୁମାର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ । ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ବ୍ୟାପକ ପୋଲିସ ମୁତୟନ ହୋଇଥିବାବେଳେ ଭୀମଭୋଇ କଲେଜର ଯୁବ ରେଡକ୍ରସ୍ ସ୍ୱେଚ୍ଛାସେବୀ ସହଯୋଗ କରିଥିଲେ ।

**କୁଚିଣ୍ଡା (ଡି.ଏନ.ଏ.)**

କୁଚିଣ୍ଡା ଉପଖଣ୍ଡର ବିଭିନ୍ନ ସ୍ଥାନରେ ଶନିବାର ଆନନ୍ଦ ଉଲ୍ଲାସର ସହ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ବାହୁଡ଼ା ଯାତ୍ରା ସମ୍ପନ୍ନ ହୋଇଛି । ପାଗ ଅନୁକୂଳ ଥିବାରୁ ଶ୍ରଦ୍ଧାଳୁଙ୍କ ମଧ୍ୟରେ ରଥ ଟାଣିବାକୁ ବେଶ୍ ଉତ୍ସାହ ଦେଖିବାକୁ ମିଳିଥିଲା । କୁଚିଣ୍ଡା ସହରର ବାହୁଡା ଯାତ୍ରାରେ ଆଖପାଖ ଅଞ୍ଚଳର ବହୁ ଭକ୍ତଙ୍କ ସମାଗମ ହୋଇଥିଲା । କୋଭିଡ୍ ପାଇଁ ଦୁଇବର୍ଷ ଧରି ରଥ ଉପରେ ଚତୁର୍ଦ୍ଧାମୂର୍ତ୍ତିଙ୍କ ଦର୍ଶନ ପାଇ ନ ଥିବା ଭକ୍ତ ଏଥର ମନଭରି ଉପଭୋଗ କରିଥିଲେ । ବକ୍ସମା, ଚନ୍ଦନିମାଲ, ଲଇଡାଗୁଣା, ଗୋଛରା, ବାଙ୍କେ, କେଶାଇବାହାଲ, ବାମରା ଆଦି ସ୍ଥାନରେ ଶାନ୍ତିଶୃଙ୍ଖଳାର ସହ ବାହୁଡା ଯାତ୍ରା ଅନୁଷ୍ଠିତ ହୋଇଯାଇଛି ।

## ରାଜ୍ୟପାଳଙ୍କ ଦ୍ୱାରା ଅଝଟ କାହ୍ନା ଉନ୍ମୋଚିତ

**ସମ୍ବଲପୁର,୯।୭ (ବ୍ୟୁରୋ)**

କବୟିତ୍ରୀ ସୁରମା ମିଶ୍ରଙ୍କ ତୃତୀୟ କବିତା ସଂକଳନ ଅଝଟ କାହ୍ନାକୁ ରାଜଭବନଠାରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଜୁଲାଇ ୭ରେ ଉନ୍ମୋଚନ କରିଛନ୍ତି। ବୟସର ସାୟାହ୍ନରେ କବୟିତ୍ରୀଙ୍କ ଏଭଳି ପ୍ରଚେଷ୍ଟାକୁ ରାଜ୍ୟପାଳ ଭୂୟସୀ ପ୍ରଶଂସା କରିଥିଲେ। ଏହାପୂର୍ବରୁ ବାଘ ମାମୁଁର ବାହାଘର ଓ କରୋନା କମ୍ପନ ନାମକ ଦୁଇଟି କବିତା ସଂକଳନ ପ୍ରକାଶିତ ହୋଇଛି। ଉଚ୍ଚଶିକ୍ଷା ନ ପାଇ ମଧ ସ୍ୱାମୀ ସ୍ୱର୍ଗତ ନିରଞ୍ଜନ ମିଶ୍ରଙ୍କ ପ୍ରେରଣାରେ ସେ କବିତା ଲେଖିବା ଆରମ୍ଭ କରିଥିଲେ। ତାଙ୍କ କବିତାରେ ଗାଁ ମାଟିର ବାସ୍ନା, ପୁରପଲ୍ଲୀ ଚିତ୍ର, ଓଡ଼ିଶାର ଉଚ୍ଚ ସଂସ୍କୃତି, ଐତିହ୍ୟ, ପରମ୍ପରା, ପର୍ବପର୍ବାଣୀ ଆଦି ସ୍ଥାନ ପାଇଛି। କବିତା ପୁସ୍ତକ ଉନ୍ମୋଚନ ସମୟରେ ତାଙ୍କ ତିନିଝିଅ, ଜ୍ୱାଇଁ ଓ ନାତୁଣୀ ଉପସ୍ଥିତ ଥିଲେ।

## ଶିଶୁ ମନ୍ଦିରର ନୂତନ ଶ୍ରେଣୀଗୃହ ଉଦ୍‌ଘାଟିତ

**ବାଉଁଶୁଣୀ,୯।୭(ଡି.ଏନ.ଏ.):** ବୌଦ୍ଧ ବ୍ଲକ ବାଉଁଶୁଣୀ ସରସ୍ୱତୀ ଶିଶୁ ମନ୍ଦିରର ନବନିର୍ମିତ ଶ୍ରେଣୀ ଗୃହ ଶନିବାର ଉଦ୍‌ଘାଟିତ ହୋଇଛି। ମୁଖ୍ୟ ଅତିଥିଭାବେ ପୂର୍ବତନ ଜିଲା ପରିଷଦ ଅଧକ୍ଷା ଜ୍ୟୋତ୍ସ୍ନା ଭୋଇ, ସମ୍ମାନୀତ ଅତିଥି ଜିଲା ପରିଷଦ ସଭ୍ୟ ରାକେଶ ତ୍ରିପାଠୀ, ବାଉଁଶୁଣୀ ସରପଞ୍ଚ ଅଇଁଠୁ ମହାଲିକ, ଯୋଗଦେଇ ନବ ନିର୍ମିତ ଶ୍ରେଣୀଗୃହକୁ ଉଦ୍‌ଘାଟନ କରିଥିଲେ।

## ଏସ୍‌ଏମ୍‌ସି ପକ୍ଷରୁ ବଡ଼ାଖାନା କାର୍ଯ୍ୟକ୍ରମ

**ସମ୍ବଲପୁର,୯।୭(ବ୍ୟୁରୋ)**

ସମ୍ବଲପୁର ମହାନଗର ନିଗମ (ଏସ୍‌ଏମ୍‌ସି) ପକ୍ଷରୁ ହୀରାକୁଦ ପୁରୁଣା ଏନ୍‌ଏସି ଅଫିସ ପରିସରରେ ବଡାଖାନା କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ଏଥିରେ କମିଶନର ପ୍ରଦୀପ କୁମାର ସାହୁ, ଡେପୁଟି କମିଶନର ବିନୋଦ ଚନ୍ଦ୍ର ପଣ୍ଡା, ବିପିନ ପ୍ରଧାନ, ଅତିରିକ୍ତ କମିଶନର ରୁକମଣ ମେହେର, ପ୍ରସନ୍ନ ଟେଟେ, ଏସ୍‌ଡିଏ ପ୍ରଭାଶ ଡନସେନା, ଓଏସ୍‌ଡି ଏସ୍‌ଏମ୍‌ସି ଅଞ୍ଜଲିନା ପ୍ରଧାନ, ଏନ୍‌ଫୋର୍ସମେଣ୍ଟ ଅଫିସର ଶୁଭଙ୍କର ମହାନ୍ତି, ନିର୍ବାହୀଯନ୍ତ୍ରୀ ବିପିନ ବିହାରୀ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ । ପ୍ରଥମେ ସଫେଇ କର୍ମଚାରୀ, ୱାର୍ଡ ଅଫିସର, ଏସ୍‌ଏଚ୍‌ଜି ମହିଳାମାନଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏସ୍‌ଏମ୍‌ସି ପରିବେଶ ସୁନ୍ଦର ଓ ସୁରକ୍ଷିତ ରଖିବା ନେଇ ସମସ୍ତଙ୍କୁ ମିଳିମିଶି କାମ କରିବାକୁ ହେବ ବୋଲି ଅଧିକାରୀମାନେ ମତ ପ୍ରକାଶ କରିଥିଲେ । ପରେ ଅଧିକାରୀ ଓ କର୍ମଚାରୀମାନେ ଏକାଠି ହୋଇ ଭୋଜନ କରିଥିଲେ ।



ବଡାଖାନାରେ କମିଶନର ଖାଦ୍ୟ ପରଷୁଛନ୍ତି ।

## ଶ୍ରୀଅରବିନ୍ଦ ଚେତନା ଜାଗରଣ ଯାତ୍ରାକୁ ସ୍ୱାଗତ

**ପଡିଆବାହାଲ,୯।୭(ଡି.ଏନ.ଏ.)**

୧୫୦ତମ ଜନ୍ମ ବାର୍ଷିକୀ ଅବସରରେ ଗତ ୬ତାରିଖରୁ ଆରମ୍ଭ ହୋଇଥିବା ଶ୍ରୀଅରବିନ୍ଦ ଅତିମାନସ ଚେତନା ଜାଗରଣ ଯାତ୍ରା ଶନିବାର ପଡିଆବାହାଲଠାରେ ପହଞ୍ଚିଥିଲା । ସମ୍ବଲପୁର, ବୌଦ୍ଧ ଓ ବରଗଡ଼ ଜିଲା ସଙ୍ଗତି ମଣ୍ଡଳ ଉଦ୍ୟମରେ ଏ ଯାତ୍ରା ଚାଲୁ ରହିଛି । ଆଗାମୀ ଦିନରେ ଭାରତ ହିଁ ବିଶ୍ୱ ନେତୃତ୍ୱ ନେବ ବାର୍ତ୍ତା ନେଇ ଯାତ୍ରା ଆରମ୍ଭ ହୋଇଛି । ପଡିଆବାହାଲ ଦୁର୍ଗା ମଣ୍ଡପ ନିକଟରେ ଶ୍ରୀଅରବିନ୍ଦ ପାଠଚକ୍ର ଓ ଶ୍ରୀଅରବିନ୍ଦ ଶିକ୍ଷାକେନ୍ଦ୍ର ପଧାନପାଲି କର୍ମକର୍ତ୍ତାଙ୍କ ସହ ସ୍ଥାନୀୟ ଶ୍ରଦ୍ଧାଳୁ ଯାତ୍ରାକୁ ସ୍ୱାଗତ କରିଥିଲେ । କୈବଲ୍ୟ ପଧାନ, ମୋହନ ଚନ୍ଦ୍ର ସାହୁ, ସଚିଦାନନ୍ଦ ମେହେର, କୃଷ୍ଣ ଚନ୍ଦ୍ର ପଧାନ, ମିତ୍ରଭାନୁ ପଧାନ, ବିପିନ ପଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

**ଜମନକିରା (ଡି.ଏନ.ଏ.)**

ଭାରତୀୟ ସାଧୀନତା ସଂଗ୍ରାମର ମହାନାୟକ, ମହାନ ବିପ୍ଲବୀ, ମହଯୋଗୀ ଶ୍ରୀଅରବିନ୍ଦଙ୍କ ୧୫୦ତମ ଜନ୍ମ ବାର୍ଷିକ ଅବସରରେ ଶ୍ରୀଅରବିନ୍ଦ ଅତିମାନସ ଚେତନା ଜାଗରଣ ଯାତ୍ରା ଅନୁଷ୍ଠିତ ହେଉଛି । ଏହି ଯାତ୍ରା ଶନିବାର ସକାଳୁ ଜମନକିରା ବ୍ଲକ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ଟାଙ୍ଗରମାଲରେ ପହଞ୍ଚିବା ପରେ ଭବ୍ୟ ସ୍ୱାଗତ କରାଯାଇଥିଲା । ଜମନକିରା ତହସିଲଦାର ଡ. ସୌମ୍ୟରୂପା ରଥ, ପୂର୍ବତନ ବ୍ଲକ ଅଧକ୍ଷ ତଥା ଧୁଡିପାଲି ସରପଞ୍ଚ ଅରୁଣ କୁମାର ନାୟକ ଅତିଥିଭାବେ ଥିବାବେଳେ ଶିକ୍ଷାକେନ୍ଦ୍ର ଅଧକ୍ଷ ରାଧାକାନ୍ତ ପଟେଲ, ଅତୁଲ୍ୟ କୁମାର ମାଝି, ବବଲୁ ପଟେଲ, ପଦ୍ମନାଭ ମହାକୁଲଙ୍କ ସମେତ ଛାତ୍ରୀଛାତ୍ର ଉପସ୍ଥିତ ରହି ସ୍ୱାଗତ ଜଣାଇଥିଲେ । ଏହି ଯାତ୍ରା ଆସନ୍ତା୧୪ ତାରିଖ ପର୍ଯ୍ୟନ୍ତ ବିଭିନ୍ନ ସ୍ଥାନ ବୁଲି ସଚେତନ କରିବ ।



ପଡିଆବାହାଲରେ ଚେତନା ଜାଗରଣ ରଥକୁ ସ୍ୱାଗତ କରାଯାଉଛି ।



ଜମନକିରାରେ ସ୍ୱାଗତ ଜଣାଇବା ଅପେକ୍ଷାରେ ଛାତ୍ରୀଛାତ୍ର, ଅପାଭାଇ ।

**କୁଚିଣ୍ଡା (ଡି.ଏନ.ଏ.)**

ଶ୍ରୀଅରବିନ୍ଦଙ୍କ ୧୫୦ତମ ଜୟନ୍ତୀ ଅବସରରେ ଅତିମାନସ ଚେତନା ଜାଗରଣ ରଥକୁ ଶୁକ୍ରବାର କୁଚିଣ୍ଡା ମୁକୁନ୍ଦି ଷ୍ଟାଡିୟମଠାରେ ଭବ୍ୟ ସ୍ୱାଗତ କରାଯାଇଛି । ସୁପ୍ରଭା ଚୌଧୁରୀଙ୍କ ନେତୃତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ବୃନ୍ଦାବନ ମାଝି, ଜିଲାପରିଷଦ ସଭ୍ୟ ଅଜିତ ମହାପାତ୍ର, ଅବସରପ୍ରାପ୍ତ କଲେଜ ଅଧକ୍ଷ ସୁବାସ ଚନ୍ଦ୍ର ନାୟକ, ଓକିଲ ବରଦାନନ୍ଦ ଶର୍ମା ପ୍ରମୁଖ ସାମିଲ ହୋଇଥିଲେ । ସନ୍ଧ୍ୟାରେ ହାଡିପାଲି ପଞ୍ଚାୟତର କିଣ୍ଡିରାସ୍ଥିତ ଶ୍ରୀଅରବିନ୍ଦ ସମାଧି ମନ୍ଦିରରେ ଚେତନା ରଥକୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା । ପରେ ଚେତନା ରଥ ଗ୍ରାମ ପରିକ୍ରମା କରିଥିଲା । ଏହି ଅବସରରେ କିଣ୍ଡିରାସ୍ଥିତ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ସଭାଗୃହରେ ଏକ ପାଠଚକ୍ର ଅନୁଷ୍ଠିତ ହୋଇଥିଲା । ବରଗଡ଼ ପାଠଚକ୍ର ସଂଗଠକ ଦେବରାଜ ବେହେରାଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ସମ୍ବଲପୁର ବିଶ୍ୱବିଦ୍ୟାଳୟ ପ୍ରଫେସର ଅରୁଣ କୁମାର ତ୍ରିପାଠୀ, ପ୍ରଫୁଲ୍ଲ ପଣ୍ଡା, ସରପଞ୍ଚ ମନ୍ଦାକିନୀ ନାଏକ ପ୍ରମୁଖ ଯୋଗଦେଇ ଏହି ଯାତ୍ରାର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ । ସୁପ୍ରଭା ଚୌଧୁରୀ ସ୍ୱାଗତ ଭାଷଣ ଓ ଦିଲୀପ ପୃଷ୍ଟେଠ ଧନ୍ୟବାଦ ଦେଇଥିଲେ ।

## ସଂକ୍ଷେପରେ

### ସାପ କାମୁଡ଼ାରେ ଯୁବକ ମୃତ

**ଲହୁଣୀପଡା,୯।୭(ଡି.ଏନ.ଏ.):** ସାପ କାମୁଡ଼ି ଦେବାରୁ ସୁନ୍ଦରଗଡ ଜିଲା ଲହୁଣୀପଡା ଥାନା ଅନ୍ତର୍ଗତ ଜାଙ୍ଗଲା ଗ୍ରାମର ରାମସିଂ ମୁଣ୍ଡା (୩୫)ଙ୍କ ମୃତ୍ୟୁ ଘଟିଛି। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ରାମସିଂ ଶୁକ୍ରବାର ରାତିରେ ଖାଇପିଇ ଶୋଇଥିବା ବେଳେ ତାଙ୍କୁ ଏକ ବିଷଧର ସାପ କାମୁଡ଼ି ଦେଇଥିଲା। ପରିବାର ଲୋକେ ରାମସିଂଙ୍କୁ ବଣେଇ ଡାକ୍ତରଖାନାକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### କୋଲାବିରାରେ ଚୋରି, ମାମୁ ଘରେ ଗିରଫ

**ବଡ଼ଗାଁ,୯।୭(ଡି.ଏନ.ଏ.):** ଝାରସୁଗୁଡ଼ା ଜିଲା କୋଲାବିରା ଥାନା ଅଞ୍ଚଳରେ ବିଭିନ୍ନ ଅପରାଧରେ ସମ୍ପୃକ୍ତ ଜଣେ ଦୁର୍ବୃତ୍ତଙ୍କୁ ଶନିବାର ସକାଳେ ବଡ଼ଗାଁ ଥାନା ପୋଲିସ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ କୋଲାବିରା ବ୍ଲକ ପଡାର ପ୍ରଫୁଲ୍ଲ ତନସନା। ସ୍କୁଲ ଓ କପଡା ଦୋକାନରୁ ଚୋରି ଅଭିଯୋଗରେ ପୋଲିସ କୋଲାବିରା ଥାନାରେ ଏକ ମାମଲା ରୁଜୁ କରି ତଦନ୍ତ କରିଥିଲା। ଏହି ଘଟଣାରେ ପ୍ରଫୁଲ୍ଲଙ୍କ ସମ୍ପୃକ୍ତି ଥିବା ପୋଲିସ ଜାଣିବାକୁ ପାଇଥିଲା। ଅଭିଯୁକ୍ତ ବଡ଼ଗାଁ ଥାନା ବାଗବୁଡ ଗାଁର ତାଙ୍କ ମାମୁଁ ଘରେ ଲୁଚିଥିବା ସୂଚନା ପାଇ ପୋଲିସ ଚଢାଉ କରିଥିଲା। ଗିରଫ ପରେ ବଡ଼ଗାଁ ପୋଲିସ କୋଲାବିରା ପୋଲିସକୁ ଅଭିଯୁକ୍ତଙ୍କୁ ହସ୍ତାନ୍ତର କରିଛି।

### ଆରଏସ୍‌ପିରେ ସଡ଼କ ସୁରକ୍ଷା ସଚେତନତା

**ରାଉରକେଲା ଅଫିସ,୯।୭:** ରାଉରକେଲା ଇସ୍ପାତ କାରଖାନା ପରିସରରେ ଶନିବାର ସଡକ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି କାର୍ଯ୍ୟକ୍ରମରେ କାରଖାନାର ପ୍ରାୟ ୩ଶହରୁ ଉର୍ଦ୍ଧ୍ଵ କର୍ମଚାରୀ ଓ ଠିକା ଶ୍ରମିକ ଏକତ୍ରିତ ହୋଇଥିଲେ। ସଡ଼କ ସୁରକ୍ଷା ଉପରେ କର୍ମଚାରୀଙ୍କୁ ସୁରକ୍ଷା ବାର୍ତ୍ତା ସହିତ ବ୍ୟକ୍ତିଗତ ସୁରକ୍ଷା ଉପକରଣ ବ୍ୟବହାର ନିୟନ୍ତ୍ରିତ ମୋବାଇଲ ଫୋନ ବ୍ୟବହାର, ସୁରକ୍ଷିତ ଡ୍ରାଇଭିଂ ଟିପ୍ସ, କାରଖାନା ମଧ୍ୟରେ ଗତି ସୀମା ଭଳି ବିଭିନ୍ନ କାର୍ଯ୍ୟ ଦିଗରେ ସଚେତନ କରାଯାଇଥିଲା। ଏହି କାର୍ଯ୍ୟକ୍ରମ କାର୍ମିକ ବିଭାଗ ଓ ସୁରକ୍ଷା ଇଞ୍ଜିନିୟରିଂର ମିଳିତ ପ୍ରୟାସରେ ହୋଇଥିଲା।

### ଶ୍ରୀଜୀଉଙ୍କ ବାହୁଡ଼ା ଯାତ୍ରା

**ରାଉରକେଲା ଅଫିସ,୯।୭:** ନଅ ଦିନ ପରେ ମହାପ୍ରଭୁ ଶ୍ରୀଜଗନ୍ନାଥ ସାଙ୍ଗରେ ଭାଇ ଓ ଭଉଣୀଙ୍କୁ ନେଇ ଶ୍ରୀମନ୍ଦିରକୁ ବାହୁଡ଼ିଛନ୍ତି। ଏହି କ୍ରମରେ ଶନିବାର ରାଉରକେଲା ସହରରେ ଶାନ୍ତିପୂର୍ଣ୍ଣ ଭାବେ ବାହୁଡାଯାତ୍ରା ସମ୍ପନ୍ନ ହୋଇଛି। ରାଉରକେଲା ସହରର ବିଭିନ୍ନ ଜଗନ୍ନାଥ ମନ୍ଦିର କମିଟି ପକ୍ଷରୁ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ରଥରେ ବସାଇ ବଡଦାଣ୍ଡରେ ରଥ ଟଣାଯାଇଥିଲା। ବାହୁଡାଯାତ୍ରାରେ ଶାନ୍ତିଶୃଙ୍ଖଳା ପାଇଁ ୨୩ ପ୍ଲାଟୁନ ପୋଲିସ ମୁତୟନ କରାଯାଇଥିଲା।

### ଆଜି ରଥ ସାଜସଜ୍ଜା ପ୍ରତିଯୋଗିତା

**ରାଉରକେଲା ଅଫିସ,୯।୭:** ପାୟଲ ଅନୁଷ୍ଠାନ ପକ୍ଷରୁ ସେକ୍ଟର-୨ ସ୍ଥିତ କାର୍ଯ୍ୟାଳୟରେ ଶନିବାର ଏକ ଖବରଦାତା ସମ୍ମିଳନୀ ସଭାପତି କେତକୀ ଭଟ୍ଟାଚାର୍ଯ୍ୟଙ୍କ ଅଧ୍ୟତାରେ ଆୟୋଜିତ ହୋଇଛି। ଏଥିରେ ରଥ ସାଜସଜ୍ଜାକୁ ନେଇ ରବିବାର ସେକ୍ଟର-୩ ସ୍ଥିତ ଜଗନ୍ନାଥ ମନ୍ଦିରରେ ଏକ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏହି ପ୍ରତିଯୋଗିତାରେ ବିଜୟୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବ ବୋଲି କୁହାଯାଇଛି।

# ଭୁଜାଲି ଦେଖାଇ ଯାତ୍ରୀଙ୍କଠୁ ଲୁଟ୍

- ଦୁଇ ଦୁର୍ବୃତ୍ତ ଗିରଫ, ଅନ୍ୟ ଜଣେ ଫେରାର
- ବାଇକ୍, ମାରଣାସ୍ତ୍ର ଜବତ
- ଅସୁରକ୍ଷିତ ସୁନ୍ଦରଗଡ ନୂଆ ବସ୍‌ଷ୍ଟାଣ୍ଡ
- ବଢୁଛି ଲୁଟେରାଙ୍କ ଦୌରାତ୍ମ୍ୟ

**ସୁନ୍ଦରଗଡ,୯।୭(ଡି.ଏନ.ଏ.)**

ସୁନ୍ଦରଗଡ଼ ଲୁହୁରାଡିପା ସ୍ଥିତ ନୂଆ ବସ୍‌ଷ୍ଟାଣ୍ଡ ଅସୁରକ୍ଷିତ ହୋଇପଡିଛି। ଏଠାରେ ସୁରକ୍ଷା ବ୍ୟବସ୍ଥା ଅଭାବରୁ ଲୁଟ୍, ରାହାଜାନି ଭଳି ଘଟଣା ସହିତ ଅସାମାଜିକଙ୍କ ଦୌରାତ୍ମ୍ୟ ବଢିବାରେ ଲାଗିଛି। ଶନିବାର ଦିନଦ୍ୱିପ୍ରହରରେ ୩ଜଣ ଦୁର୍ବୃତ୍ତ ବସ୍‌ଷ୍ଟାଣ୍ଡରେ ଯାତ୍ରୀଙ୍କୁ ମାରଣାସ୍ତ୍ର ଦେଖାଇ ଟଙ୍କା ଲୁଟ୍ କରି ପଳାଇବା ବେଳେ ସେମାନଙ୍କ ମଧ୍ୟରୁ ୨ଜଣ ଧରାପଡିଛନ୍ତି। ଘରୋଇ ବସ୍ ମାଲିକ ସଂଘ କର୍ମଚାରୀ, ହକର ଓ ଉପସ୍ଥିତ ଯାତ୍ରୀମାନେ ଉକ୍ତ ଦୁର୍ବୃତ୍ତଙ୍କୁ କାବୁ କରି ପୋଲିସ ଜିମା ଦେଇଥିଲେ। ତେବେ ଅନ୍ୟ ଜଣେ ଫେରାର ଅଛନ୍ତି। ସେମାନଙ୍କଠାରୁ ବ୍ୟବହୃତ ଏକ ବାଇକ୍ (ନଂ.ଓଡ଼ି୧୬ଏଚ୍୬୦୧୪) ଓ ମାରଣାସ୍ତ୍ର(ଭୁଜାଲି) ଜବତ କରାଯାଇଛି। ସୁନ୍ଦରଗଡ଼ ଟାଉନ ଥାନା ପୋଲିସ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି।

ପୋଲିସ ସୂଚନା ଅନୁସାରେ, ସୁନ୍ଦରଗଡ଼ ଜିଲା ତଳସରା ଥାନା ଅନ୍ତର୍ଗତ କୁରେଇ ମିଠାକୁଟା ଗ୍ରାମର ବିକାଶ ଡୁଙ୍ଗଡୁଙ୍ଗ ଶନିବାର ଦିନ ୧୨ଟା ୧୫ମିନିଟ୍ ସମୟରେ ଲୁହୁରାଡିପା ସ୍ଥିତ ନୂଆ ବସ୍‌ଷ୍ଟାଣ୍ଡରେ ଛିଡା ହୋଇଥିଲେ। ଏହି ସମୟରେ ୩ଜଣ ଦୁର୍ବୃତ୍ତ ଏକ ବୁଲେଟ୍ ଯୋଗେ ସେଠାକୁ ଆସି ବିକାଶଙ୍କୁ ଭୁଜାଲି ଦେଖାଇ ୫ଶହ ଟଙ୍କା ଲୁଟି ନେଇଥିଲେ। ଦୁର୍ବୃତ୍ତମାନେ ଜଣେ ନାବାଳକଙ୍କଠାରୁ ମଧ୍ୟ ୭ଶହ ଟଙ୍କା ନେଇଯାଇଥିଲେ। ତେବେ ଏହି ସମୟରେ ଘରୋଇ ବସ୍ ମାଲିକ ସଂଘ କର୍ମଚାରୀ, ହକର ଓ ଉପସ୍ଥିତ ଅନ୍ୟ ଯାତ୍ରୀମାନେ ଦୁର୍ବୃତ୍ତମାନଙ୍କ ମଧ୍ୟରୁ ୨ଜଣଙ୍କୁ କାବୁ କରି ପୋଲିସ ଜିମା ଦେଇଥିଲେ।

ଉଲ୍ଲେଖନୀୟ, ସୁନ୍ଦରଗଡ଼ ସହର ମଧ୍ୟରେ ଥିବା ଘରୋଇ ବସ୍‌ଷ୍ଟାଣ୍ଡକୁ ଗତ ୫ ବର୍ଷ ହେଲା ଲୁହୁରାଡିପାଠାରେ ନବନିର୍ମିତ ନୂଆ ବସ୍‌ଷ୍ଟାଣ୍ଡକୁ ସ୍ଥାନାନ୍ତର ହୋଇଛି। ହେଲେ ସେଠାରେ ପୋଲିସ ଫାଣ୍ଡି ପ୍ରତିଷ୍ଠା ପାଇଁ ଦାବି ହୋଇ ଆସୁଥିଲେ ମଧ୍ୟ ଏପର୍ଯ୍ୟନ୍ତ ତାହା ସମ୍ଭବ ହୋଇପାରିନାହିଁ। ଏପରିକି ସ୍ଥାନୀୟ ବିଧାୟିକା କୁସୁମ ଟେଟେ ମଧ୍ୟ ବିଧାନସଭାରେ ଏ ନେଇ ଦାବି ଉପସ୍ଥାପନ କରିଛନ୍ତି। ଏଠାରେ ୪ଜଣ ପୋଲିସ କର୍ମଚାରୀଙ୍କୁ ଡ୍ୟୁଟି ଦିଆଯାଇଥିଲା ବେଳେ ବର୍ତ୍ତମାନ ସେମାନଙ୍କୁ ଅପସାରଣ କରାଯାଇଛି। ଫଳରେ ବସ୍‌ଷ୍ଟାଣ୍ଡରେ ଲୁଟେରା ଓ ଅସାମାଜିକଙ୍କ ଦୌରାତ୍ମ୍ୟ ବଢିବାରେ ଲାଗିଛି। ଯାତ୍ରୀମାନେ ମଧ୍ୟ ନିଜକୁ ଅସୁରକ୍ଷିତ ମନେ କରୁଛନ୍ତି।



ପୋଲିସ ଜଣେ ଦୁର୍ବୃତ୍ତଙ୍କଠାରୁ ଭୁଜାଲି ଜବତ କରିଛି।

# କେନ୍ଦୁପତ୍ର ଚୋରା ଚାଲାଣ, ୨ ଗିରଫ




ଜବତ କେନ୍ଦୁପତ୍ର ବୋଝେଇ ପିକ୍‌ଅପ୍ ଭ୍ୟାନ୍।

**ରାଉରକେଲା ଅଫିସ,୯।୭**

କେନ୍ଦୁପତ୍ର ଚୋରାଚାଲାଣ ବେଳେ ବିଶ୍ରା ବନ ବିଭାଗ ୨ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ଦୟାନିଧି କିଷାନ(୪୨) ଓ ପ୍ରଣବ ବଙ୍ଗୋପାଧ୍ୟାୟ(୪୦)। ସେମାନଙ୍କଠାରୁ କେନ୍ଦ୍ରପତ୍ର ବୋଝେଇ ଗାଡ଼ି ଜବତ କରାଯାଇଛି। ଉଭୟ ଅଭିଯୁକ୍ତଙ୍କୁ ଶନିବାର କୋର୍ଟଚାଲାଣ କରାଯାଇଛି। ଏ ନେଇ ଏକ ମାମଲା (ନଂ.୫୨।୨୨) ରୁଜୁ ହୋଇଛି। ସକାଳ ସାଢ଼େ ୫ଟା ସମୟରେ ଏକ ପିକ୍‌ଅପ୍ ଭ୍ୟାନ୍ (ନଂ.ଡବ୍ଲୁବି୩୧/୫୦୦୨) ୮.୫ କୁଇଣ୍ଟାଲ କେନ୍ଦୁପତ୍ର ବୋଝେଇ କରି ବିଶ୍ରା ବନ ବିଭାଗ ଅଧୀନ ବାମଡା ଅଞ୍ଚଳରୁ ପଶ୍ଚିମବଙ୍ଗ ଯାଉଥିଲା। କୌଣସି ସୂତ୍ରରୁ ବିଭାଗ ଖବର ପାଇ ବନ କର୍ମଚାରୀମାନେ ବାମଡା ଛକ ନିକଟରେ ଗାଡ଼ିକୁ ଅଟକାଇଥିଲେ। ଯାଞ୍ଚ ବେଳେ ଏହି ଗାଡିରେ ବେଆଇନ ଭାବେ କେନ୍ଦୁପତ୍ର ଚାଲାଣ ହେଉଥିବା ଜଣାପଡିଥିଲା।

# କଳାକାର ସମର୍ଥ ପରୀକ୍ଷାରେ ୨୬ଦଳ

**ଦେବଗଡ଼, ୯।୭(ଡି.ଏନ.ଏ.)**

ଦେବଗଡ ଜିଲା ସଂସ୍କୃତି ବିଭାଗ ଆନୁକୂଲ୍ୟରେ ସ୍ଥାନୀୟ ସଂସ୍କୃତି ଭବନଠାରେ ଉନତମାନ କଳାକାରଙ୍କର ସମର୍ଥ ପରୀକ୍ଷା ଅନୁଷ୍ଠିତ କରାଯାଇଛି। କାର୍ଯ୍ୟକ୍ରମକୁ ଜିଲା ଶିଶୁ ସୁରକ୍ଷା ଅଧିକାରୀ ରୋମିଓ ମହାପାତ୍ର, ଅତିଥି ଆଇନଜୀବୀ ଦିଲୀପ ଗୁରୁ, ଓଡ଼ିଆ ଭାଷା ସାହିତ୍ୟ ସଦସ୍ୟ ଡକ୍ଟର ଭାରତ ଭୁଷଣ ନନ୍ଦ, ନାଟ୍ୟକାର ମର୍କେନ୍ଦେଶ୍ୱର ଶତପଥୀ ଯୋଗଦେଇ ଆନୁଷ୍ଠାନିକଭାବେ ଉଦ୍‌ଘାଟନ କରିଥିଲେ। ୨୬ଟି ଦଳ ଅଂଶଗ୍ରହଣ କରି ପାଲା, ଆଦିବାସୀ ନୃତ୍ୟ, ଓଡ଼ିଶୀ ନୃତ୍ୟ, କର୍ମା ଓ ବାଦକ ପ୍ରଭୃତି ନୃତ୍ୟ ପ୍ରଦର୍ଶନ କରିଥିଲେ। ଏଇ କାର୍ଯ୍ୟକ୍ରମରେ ବିଚାରକ ଭାବେ ସୁମିତ୍ରା ପୁରୋହିତ, ପ୍ରଦୀପ କୁମାର ଅମାତ, ନରେଶ ବେହେରା, ହୃଦାନନ୍ଦ ପ୍ରଧାନ, ନେତ୍ରାନନ୍ଦ ମହକୁଲ ଉପସ୍ଥିତ ରହି ଚୟନ ପ୍ରକ୍ରିୟାକୁ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଆଧପକ ଚିତ୍ତରଞ୍ଜନ ଦାସ, ନାଟ୍ୟ ସାଂସଦ ସଭାପତି ଅବନୀ ମିଶ୍ର ଓ ଜିଲା ସଂସ୍କୃତି ଅଧିକାରୀ ମନୋରଞ୍ଜନ ସୂତାର ଉପସ୍ଥିତ ଥିଲେ।




ଏକ କଳାକାର ଦଳ କାର୍ଯ୍ୟକ୍ରମ ପରିବେଷଣ କରୁଛନ୍ତି।

# ଝୁରିମାଲ ବନ ସୁରକ୍ଷା ସମିତି ରାଜ୍ୟସ୍ତରରେ ପୁରସ୍କୃତ



ଭୁବନେଶ୍ୱରରେ ଝୁରିମାଲ ବନ ସୁରକ୍ଷା ସମିତିକୁ ପୁରସ୍କୃତ କରାଯାଉଛି।

**ସୁନ୍ଦରଗଡ,୯।୭(ଡି.ଏନ.ଏ.)**

ଉଜୁଡା ଜଙ୍ଗଲର ପୁନରୁଦ୍ଧାର, ନୂତନ ଜଙ୍ଗଲ ସୃଷ୍ଟି, ଜଙ୍ଗଲ ସୁରକ୍ଷା ତଥା ଜଙ୍ଗଲ ଉପରେ ନିର୍ଭରଶୀଳ ପରିବାରଙ୍କ ଜୀବିକାର ମାନରେ ଉନ୍ନତି ଆଣିବା କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ କରି ସୁନ୍ଦରଗଡ ବନଖଣ୍ଡ ଅନ୍ତର୍ଗତ ଉଜ୍ଜ୍ୱଳପୁର ବନାଞ୍ଚଳର ଝୁରିମାଲ ବନ ସୁରକ୍ଷା ସମିତି ରାଜ୍ୟର ସର୍ବଶ୍ରେଷ୍ଠ ବନ ସୁରକ୍ଷା ସମିତି ଭାବେ ପୁରସ୍କୃତ ହୋଇଛି। ଗୁରୁବାର ଭୁବନେଶ୍ୱର ବରମୁଣ୍ଡା ସ୍ଥିତ ମହାନଗର ନିଗମ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଆୟୋଜିତ ରାଜ୍ୟସ୍ତରୀୟ ବନ ମହୋତ୍ସବ କାର୍ଯ୍ୟକ୍ରମରେ ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗଦାନ କରିଥିଲେ। ସେ ଝୁରିମାଲ ବନ ସୁରକ୍ଷା ସମିତିକୁ ଅଭିନନ୍ଦନ ଜଣାଇବା ସହିତ ବୃକ୍ଷରୋପଣ ଦ୍ୱାରା ହିଁ ପ୍ରାକୃତିକ ବିପର୍ଯ୍ୟୟରୁ ରକ୍ଷା ପାଇପାରିବା ବୋଲି ପରାମର୍ଶ ଦେଇଥିଲେ। ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ପ୍ରଦୀପ କୁମାର ଅମାତ ସମ୍ମାନିତ ଅତିଥି ଭାବେ ଯୋଗଦାନ କରି ଝୁରିମାଲ ବନ ସୁରକ୍ଷା ସମିତିକୁ ମାନପତ୍ର ଓ ୨ଲକ୍ଷ ଟଙ୍କାର ପୁରସ୍କାର ରାଶି ପ୍ରଦାନ କରିଥିଲେ। ଝୁରିମାଲ ବନ ସୁରକ୍ଷା ସମିତି ତରଫରୁ କାର୍ଯ୍ୟକାରୀ ସଭାପତି ଦିଲୀପ ପଟେଲ ଓ ନୀଳାମ୍ବର ଉପାଧ୍ୟାୟ ଏହି ପୁରସ୍କାର ଗ୍ରହଣ କରିଥିଲେ।

**ସହଭାଗିତା, ଅଭିନବୀକରଣର ଦୃଷ୍ଟାନ୍ତ ସାଜିଲା**

ସୂଚନାଯୋଗ୍ୟ, ୧୯୯୩-୯୪ ମସିହାରେ ଝୁରିମାଲ ଗ୍ରାମବାସୀ ସଙ୍ଗଠିତ ହୋଇ ଜଙ୍ଗଲ କାଟିବା ବିରୋଧରେ କଟକଣା ଜାରି କରି ଏକ ବନ ସୁରକ୍ଷା ସମିତି ଗଠନ କରିଥିଲେ। ୨୦୧୮ରେ ଓଡିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ-୨ ମାଧ୍ୟମରେ ଏହି ବନ ସୁରକ୍ଷା ସମିତିକୁ ପୁନର୍ଗଠନ କରାଯାଇଥିଲା। ସହଯୋଗୀ ଅନୁଷ୍ଠାନ ସେବକ ତଥା ଉଜ୍ଜ୍ୱଳପୁର କ୍ଷେତ୍ର ପରିଚାଳନା ଏକକର ସହଯୋଗରେ ଜଙ୍ଗଲ ସୁରକ୍ଷା ସହ ଜୀବିକାର ଉନ୍ନତି ତଥା ସଙ୍ଗଠନ ପରିଚାଳନା କ୍ଷେତ୍ରରେ ଉତ୍କୃଷ୍ଟ କାର୍ଯ୍ୟ କରି ଜିଲା ତଥା ରାଜ୍ୟ ସ୍ତରରେ ସୁନାମ ରଖିଛି ଝୁରିମାଲ ବନ ସୁରକ୍ଷା ସମିତି। ଜଙ୍ଗଲ ବିଭାଗ ସହାୟତାରେ ୫୦ ଏକର ଜମିରେ ବୃକ୍ଷରୋପଣ, ୮ଏକର ଜମିରେ ବୃକ୍ଷରୋପଣ, ଜଙ୍ଗଲର ଚତୁଃପାର୍ଶ୍ୱରେ ଟ୍ରେଞ୍ଚ୍ ଖନନ, ବର ଓ ଅଶ୍ୱତ୍ଥ ଚାରା ଉତ୍ପାଦନ, ଗ୍ରାମର ୧.୬୫ ଏକର ଜମିରେ ଫଳ ବଗିଚା ସୃଷ୍ଟି, ୮୫ ପ୍ରତିଶତ ଲୋକଙ୍କ ଘରେ ଗ୍ୟାସ୍ ସଂଯୋଗୀକରଣ ଦ୍ୱାରା ଜଙ୍ଗଲ ଉପରେ ନିର୍ଭରଶୀଳତା କମାଇବା, ଶାଳ ମଞ୍ଜିର ବଜାର ବ୍ୟବସ୍ଥା, ମାଗଣା ସ୍ୱାସ୍ଥ୍ୟ ଓ ଚକ୍ଷୁ ଚିକିତ୍ସା ଶିବିର, ଏସ୍‌ଏଚ୍‌ଜି ମାଧ୍ୟମରେ ଆୟଭିତ୍ତିକ କାର୍ଯ୍ୟକ୍ରମ, କରୋନା ମହାମାରୀ ସମୟରେ ମାସ୍କ ଓ ରାଶନ ସାମଗ୍ରୀ ବଣ୍ଟନ ତଥା ଜଙ୍ଗଲକୁ ନିଆଁ ଦାଉରୁ ରକ୍ଷା କରିବା ନିମନ୍ତେ ସ୍ୱତନ୍ତ୍ର ନିଆଁ ଲିଭା ଦଳ ଗଠନ କରି ଅନ୍ୟମାନଙ୍କ ପାଇଁ ଦୃଷ୍ଟାନ୍ତ ସାଜିଛି ଏହି ସମିତି।

# ଆଣ୍ଟି ରାଗିଂ ଆୱାରନେସ ପ୍ରୋଗ୍ରାମ

**ବଡ଼ଗାଁ, ୯।୭(ଡି.ଏନ୍.ଏ.)**

ସୁନ୍ଦରଗଡ଼ ଜିଲା ବଡ଼ଗାଁସ୍ଥିତ ଯୁକ୍ତ ଦୁଇ କଲେଜରେ ଶୁକ୍ରବାର ପୋଲିସ ଓ କଲେଜ ପ୍ରଶାସନର ମିଳିତ ଆନୁକୂଲ୍ୟରେ ଆଣ୍ଟି ରାଗିଂ ଆୱାରେନେସ ପ୍ରୋଗ୍ରାମ ଆୟୋଜିତ ହୋଇଛି। ଏହି କାର୍ଯ୍ୟକ୍ରମରେ ରାଜଗାଙ୍ଗପୁର ଏସ୍‌ଡ଼ିପିଓ ଡ଼. ସୁଶାନ୍ତ ଶେଖର ବେଉରିଆ, ବଡ଼ଗାଁ ଥାନାର ପ୍ରୋବେସନର ଡିଏସ୍‌ପି ବିଭୂତି ଭୂଷଣ ମହାପାତ୍ର ଅତିଥି ଭାବେ ଯୋଗଦେଇଥିଲେ। କଲେଜ ଅଧ୍ୟକ୍ଷ ସୁଶାନ୍ତ କୁମାର ଚୌଧୁରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ଏସ୍‌ଡ଼ିପିଓ ବେଉରିଆ ରାଗିଂକୁ ନେଇ ତାଙ୍କ ଅଙ୍ଗେନିଭା ଅନୁଭୂତି ବର୍ଣ୍ଣନା କରିଥିଲେ। କଲେଜକୁ ଆସୁଥିବା ନୂତନ ଛାତ୍ରୀଛାତ୍ରଙ୍କ ସହିତ ବନ୍ଧୁତ୍ୱପୂର୍ଣ୍ଣ ବ୍ୟବହାର କରିବାକୁ ବୁଝାଇଥିଲେ। ରାଗିଂ କଲେ ଏହାର ଅଭିଯୋଗ ଉପରେ କଣସବୁ ଦଣ୍ଡ ବ୍ୟବସ୍ଥା ରହିଛି ଛାତ୍ରୀଛାତ୍ରଙ୍କୁ ଏସ୍‌ଡ଼ିପିଓ ବେଉରିଆ ଅବଗତ କରାଇଥିଲେ। ରାଗିଂଠାରୁ ଦୂରେଇରହି ଶିକ୍ଷା ଗ୍ରହଣ, ଚରିତ୍ର ଓ ଭବିଷ୍ୟତ ଗଠନ ଉପରେ ପ୍ରାଧାନ୍ୟ ଦେବାକୁ କହିଥିଲେ। ରାଜ୍ୟରେ ଆଲୋଡ଼ନ ସୃଷ୍ଟି କରିଥିବା କଲେଜ ଛାତ୍ରୀ ଆତ୍ମହତ୍ୟା ପରେ ସରକାର୍ ଆଣ୍ଟି ରାଗିଂ ଆୱାରେନେସ ପ୍ରୋଗ୍ରାମ ମାଧ୍ୟମରେ ଛାତ୍ରୀଛାତ୍ରଙ୍କୁ ସଚେତନ କରୁଥିବା ସୂଚନା ଦେଇଥିଲେ। ବଡ଼ଗାଁ କଲେଜରେ ବର୍ତ୍ତମାନ ସୁଦ୍ଧା ରାଗିଂ ଦୃଷ୍ଟିକୁ ଆସି ନ ଥିବା ଏବଂ କଲେଜ ପରିସରରେ ଶୃଙ୍ଖଳା ବଜାୟ ରଖିବା ପାଇଁ କଣ ବ୍ୟବସ୍ଥା କରାଯାଇଛି ଅଧ୍ୟାପକ ଧିଳେଶ୍ୱର୍ ସାହୁ କହିଥିଲେ। କଲେଜର ଆଣ୍ଟି ରାଗିଂ ସେଲ୍‌ର ଉପଦେଷ୍ଟା ଅଧ୍ୟାପକ ଦଶରଥ ନାଏକ ରାଗିଂ କଲେ ପରିଣାମ କଣ ହେବ ବୁଝାଇ ଛାତ୍ରୀଛାତ୍ରଙ୍କ ଉପରେ ନଜର ରଖିବା ପାଇଁ ହୋଇଥିବା ବ୍ୟବସ୍ଥା ଉପରେ କହିଥିଲେ। କଲେଜ ଅଧ୍ୟକ୍ଷ ଚୌଧୁରୀ ଛାତ୍ରୀଛାତ୍ରମାନେ ନିଜ ତଥା ଅନୁଷ୍ଠାନର ସମ୍ମାନ ଯେପରି କ୍ଷୁର୍ଣ୍ଣ ନ ହୁଏ ସେଥିପ୍ରତି ସଚେତନ ହୋଇ କଲେଜକୁ ଆସୁଥିବା ନୂତନ ଛାତ୍ରୀ ଛାତ୍ରଙ୍କ ପ୍ରତି ଉତ୍ତମ ବ୍ୟବହାର ପ୍ରଦର୍ଶନ ପାଇଁ ପରାମର୍ଶ ଦେଇଥିଲେ।

# ଶିକ୍ଷୟିତ୍ରୀମାନଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

**ଦେବଗଡ଼, ୯।୭(ଡି.ଏନ.ଏ.)**

ଦେବଗଡ ପୌରାଞ୍ଚଳ କ୍ଲଷ୍ଟର ଅନ୍ତର୍ଗତ ବିଭିନ୍ନ ବିଦ୍ୟାଳୟରୁ ଅବସର ଗ୍ରହଣ କରିଥିବା ପ୍ରଧାନ ଶିକ୍ଷୟିତ୍ରୀ ବିମଳା ବିଶ୍ୱାଳ, ଜ୍ୟୋତ୍ସ୍ନାରାଣୀ ଦ୍ୱିବେଦୀ, ସୁମିତ୍ରା ବେହେରା, ଶିକ୍ଷୟିତ୍ରୀ ସ୍ନେହମଞ୍ଜରୀ ସାହୁ ଓ ସିନ୍ଧୁକୁମାରୀ ଦେବତାଙ୍କୁ ଶନିବାର ସ୍ଥାନୀୟ ବାଳକ ପ୍ରାଥମିକ ବିଦ୍ୟାଳୟଠାରେ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଥିଲା। ପୌରାଞ୍ଚଳ ସିଆରସିସି ଚୂଡ଼ାମଣି ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉକ୍ତ ବିଦାୟ ସମ୍ବର୍ଦ୍ଧନା ସଭାରେ ତିଳେଇବଣି ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁଶାନ୍ତ କୁମାର ସାହୁ ମୁଖ୍ୟ ଅତିଥି, ତିଳେଇବଣି ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ସଭାପତି ସୁଶାନ୍ତ ନନ୍ଦ ଓ ସମ୍ପାଦକ ଡୋଳାଧର ସଓ୍ୱାଇଁ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଶିକ୍ଷକ ଘନଶ୍ୟାମ ବେହେରା ମଞ୍ଚ ପରିଚାଳନା କରି ବିଦାୟୀ ଶିକ୍ଷୟିତ୍ରୀମାନଙ୍କର ଶିକ୍ଷକତା ଜୀବନର ଅନୁଭୂତି ସମ୍ପର୍କରେ ବର୍ଣ୍ଣନା କରିଥିଲେ। ଶେଷରେ ବିଦାୟୀ ଶିକ୍ଷୟିତ୍ରୀମାନଙ୍କୁ ମାନପତ୍ର ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ବାଳକ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ଭବାନୀ କାନ୍ତ ପ୍ରଧାନ ଧନ୍ୟବାଦ ଦେଇଥିଲେ। ଶିକ୍ଷକ ସୌମିତ୍ରୀ ମହାପାତ୍ର, ଘନଶ୍ୟାମ ବେହେରା, ପ୍ରଭାତ ମହାପାତ୍ର, ତ୍ରିନାଥ ଖୁଣ୍ଟିଆ, ସବିତା ନନ୍ଦ, ସୀପିକା ମିଶ୍ର ମାନସିରାଣୀ ଗଡ଼ନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ମହର୍ଷି ଦୟାନନ୍ଦ କଲେଜରେ ବନ ମହୋତ୍ସବ

**ସୁନ୍ଦରଗଡ଼,୯।୭(ଡି.ଏନ.ଏ.)**

ସୁନ୍ଦରଗଡ଼ ଜିଲା ଟାଙ୍ଗରପାଲି ବ୍ଲକ ଅନ୍ତର୍ଗତ ରଙ୍ଗିଆମୁଣ୍ଡା ସ୍ଥିତ ମହର୍ଷି ଦୟାନନ୍ଦ କନିଷ୍ଠ ମହାବିଦ୍ୟାଳୟରେ ବନ ମହୋତ୍ସବ ପାଳିତ ହୋଇଯାଇଛି। ମହାବିଦ୍ୟାଳୟର ଏନ୍‌ଏସ୍‌ଏସ୍ ପୋଗ୍ରାମ ଅଧିକାରୀ ତଥା ଶିକ୍ଷା ବିଭାଗର ଅଧ୍ୟାପକ ଗୁଣମଣି ପଟେଲଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ସମସ୍ତ ଛାତ୍ରୀଛାତ୍ର, ଅଧ୍ୟାପିକା ଅଧ୍ୟାପକ, କର୍ମଚାରୀମାନେ ବୃକ୍ଷରୋପଣ କରିଥିଲେ।




ବୃକ୍ଷରୋପଣ କାର୍ଯ୍ୟକ୍ରମରେ ଉପସ୍ଥିତ ଛାତ୍ରୀଛାତ୍ର, ଅଧ୍ୟାପିକା ଅଧ୍ୟାପକ।

# ୬୩୩ ଜଣଙ୍କୁ ରୋଜଗାର ଭିତ୍ତିକ ତାଲିମ ପ୍ରଦାନ

**ସୁନ୍ଦରଗଡ,୯।୭(ଡି.ଏନ.ଏ.)**

ସୁନ୍ଦରଗଡ଼ ଜିଲା ବିଭିନ୍ନ ବନ ସୁରକ୍ଷା ସମିତିର ୬୩୩ ଜଣ ସଭ୍ୟାସଭ୍ୟଙ୍କୁ ଶନିବାର ଦକ୍ଷତା ବୃଦ୍ଧି ତାଲିମ ପ୍ରଦାନ କରାଯାଇଛି। ଏଥିରେ ଉଜ୍ଜ୍ୱଳପୁର ବନାଞ୍ଚଳର ୨୪ଟି ବନ ସୁରକ୍ଷା ସମିତିର ୪୨୪ଜଣ, ଲେଫ୍ରିପଡା ବନାଞ୍ଚଳର ୧୩ଟି ବନ ସୁରକ୍ଷା ସମିତିର ୧୫୫ ଜଣ ଓ ହେମଗିର ବନାଞ୍ଚଳର ୩ଟି ବନ ସୁରକ୍ଷା ସମିତିର ୫୪ ଜଣ ସାମିଲ ହୋଇଥିଲେ। ଏହି କାର୍ଯ୍ୟକ୍ରମରେ କୃଷି ବିଜ୍ଞାନ କେନ୍ଦ୍ର ସୁନ୍ଦରଗଡର ବରିଷ୍ଠ ବୈଜ୍ଞାନିକ ଡ. ମନୋଜ କୁମାର ଜେନା, ଲେଫ୍ରିପଡା ବ୍ଲକର ପ୍ରାଣୀ ଚିକିତ୍ସକ ଡ. ଅଦ୍ୟ ରଥ, ବାଲିଶଙ୍କରା ବ୍ଲକର ପ୍ରାଣୀସମ୍ପଦ ଅଧିକାରୀ ଡ. ସିଦ୍ଧାର୍ଥ ମୁଖ୍ୟ ପ୍ରଶିକ୍ଷକ ଭାବେ ଯୋଗଦାନ କରିଥିଲେ। ଜିଆଖତ ଚାଷ, ପନିପରିବା ଚାଷ, କୁକୁଡା ପାଳନ ଓ ଛତୁଚାଷ ଆଦି ବିଷୟବସ୍ତୁ ଉପରେ ଉଭୟ ସିଦ୍ଧାନ୍ତ ଓ ବ୍ୟବହାରିକ ତାଲିମ ପ୍ରଦାନ କରାଯାଇଥିଲା। ସୁନ୍ଦରଗଡ ଖଣ୍ଡୀୟ ପରିଚାଳନା ଏକକ ତରଫରୁ ବିଷୟଗତ ବିଶେଷଜ୍ଞ ଗୋପାଳ ଚନ୍ଦ୍ର ଶୁକ୍ଳ, ସୁକାନ୍ତ କୁମାର ପାଣିଙ୍କ ନେତୃତ୍ୱରେ ସହଯୋଗୀ ଅନୁଷ୍ଠାନ ସେବକର ଟିମ୍ ଲିଡର ଦିଗମ୍ବର ଉପାଧ୍ୟାୟ, ମହେଶର ନାଏକ, ସଞ୍ଜୁ ପଟେଲ, ଉନ୍ନୟନ ଅଧିକାରୀ ମନୋରଞ୍ଜନ ମଲ୍ଲିକ, ପ୍ରଭାତୀ ନାଏକ ତଥା ଏଫ.ଏମ.ୟୁ. ସଂଯୋଜକ ରାଜେଶ ମହାପାତ୍ର, ପ୍ରଣବ ସିଦ୍ଧାନ୍ତ ବ୍ରହ୍ମ, ପ୍ରିୟବ୍ରତ ବିଶୋଇ ପ୍ରମୁଖ ଏହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ତାଲିମାର୍ଥୀବୃନ୍ଦ।

# 'କୋଭିଡ୍ ପରିସ୍ଥିତି ମୁକାବିଲା ପାଇଁ ପ୍ରଶାସନ ପ୍ରସ୍ତୁତ'

**ସୁନ୍ଦରଗଡ଼,୯।୭(ଡି.ଏନ.ଏ.)**

ସୁନ୍ଦରଗଡ଼ ଜିଲାରେ ସମ୍ଭାବ୍ୟ କୋଭିଡ ପରିସ୍ଥିତିର ମୁକାବିଲା ପାଇଁ ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି। ଜିଲାରେ କୋଭିଡ ନିୟନ୍ତ୍ରଣ ପାଇଁ ଟେଷ୍ଟିଂ, ଟ୍ରାକିଂ, ଟ୍ରିଟମେଣ୍ଟ ଓ ଟିକାକରଣ ଉପରେ ଗୁରୁତ୍ୱ ଦିଆଯାଉଛି। ଏହା ସହିତ କୋଭିଡ ଉପଯୋଗୀ ଆଚରଣ ପାଳନ କରିବା ଲାଗି ଲୋକମାନଙ୍କୁ ସଚେତନ କରାଯାଉଛି ବୋଲି ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ସରୋଜ କୁମାର ମିଶ୍ର କହିଛନ୍ତି।

ରାଜ୍ୟର ବିଭିନ୍ନ ସ୍ଥାନରେ କୋଭିଡ ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧି ପାଉଥିବା ଲକ୍ଷ୍ୟ କରାଯାଉଛି। ତେଣୁ ଏହାକୁ ଦୃଷ୍ଟିରେ ରଖି ସୁନ୍ଦରଗଡ଼ ଜିଲା ପ୍ରଶାସନ ପକ୍ଷରୁ ସତର୍କତାମୂଳକ ପଦକ୍ଷେପ ନିଆଯାଉଛି। ଜିଲାରେ ବର୍ତ୍ତମାନ ସଂକ୍ରମଣ ହାର ୫ରୁ ୬ ପ୍ରତିଶତ ରହୁଛି। ତେଣୁ ଲୋକେ ଭୟଭୀତ ନ ହୋଇ କୋଭିଡ ଉପଯୋଗୀ ଆଚରଣ ପାଳନ କଲେ ଆମେ ସଫଳ ଭାବେ ଏହାର ମୁକାବିଲା କରିପାରିବା ବୋଲି ଡାକ୍ତର ମିଶ୍ର କହିଛନ୍ତି।

ସେ ଆହୁରି କହିଛନ୍ତି ଯେ, କୋଭିଡ ଆକ୍ରାନ୍ତଙ୍କୁ ଚିହ୍ନଟ କରିବା ପାଇଁ ଜିଲାରେ ଟେଷ୍ଟିଂକୁ ବ୍ୟାପକ କରାଯାଉଛି। ବର୍ତ୍ତମାନ ଜିଲାରେ ଦୈନିକ ୪୦୦ ଆଣ୍ଟିଜେନ ଏବଂ ୪୫୦ ଆରଟିପିସିଆର ପରୀକ୍ଷା କରାଯାଉଛି। ଆଗକୁ କିପରି ଅଧିକ କୋଭିଡ ପରୀକ୍ଷା କରାଯାଇପାରିବ ସେଥିପାଇଁ ପଦକ୍ଷେପ ନିଆଯାଉଛି। କୋଭିଡ ରୋଗୀଙ୍କ ଚିକିତ୍ସା ପାଇଁ ସୁନ୍ଦରଗଡ଼ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲରେ ୩୦ଟି ଏବଂ ରାଉରକେଲା ସରକାରୀ ଚିକିତ୍ସାଳୟରେ ୨୦ଟି ବେଡ୍ ପ୍ରସ୍ତୁତ ରହିଛି। ଏହାସହିତ ଆବଶ୍ୟକ ଭେଣ୍ଟିଲେଟର ଏବଂ ଅକ୍ସିଜେନ ବ୍ୟବସ୍ଥା କରାଯାଇଛି। ସୁନ୍ଦରଗ ଏବଂ ରାଉରକେଲା ସହରରେ ଥିବା ବିଭିନ୍ନ ଘରୋଇ ହସ୍ପିଟାଲକୁ କୋଭିଡ ଚିକିତ୍ସା ପାଇଁ ଆବଶ୍ୟକ ପ୍ରସ୍ତୁତି କରିବାକୁ ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ବର୍ତ୍ତମାନର କୋଭିଡ ପରିସ୍ଥିତିକୁ ଦୃଷ୍ଟିରେ ରଖି ସୁନ୍ଦରଗଡ଼ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲ ଏବଂ ରାଉରକେଲା ସରକାରୀ ଚିକିତ୍ସାଳୟରେ ସ୍ୱତନ୍ତ୍ର ଭାବେ ଫ୍ଲୁ କ୍ଲିନିକ ଖୋଲାଯାଇଛି। ତେଣୁ କାହାର ଫ୍ଲୁ ଭଳି କୌଣସି ଲକ୍ଷଣ ଦେଖାଦେଲେ ସେମାନେ ସିଧାସଳଖ ଏହି କ୍ଲିନିକକୁ ଆସି ଡାକ୍ତରଙ୍କ ସହିତ ପରାମର୍ଶ କରିପାରିବେ। ସୁନ୍ଦରଗଡ଼ ଜିଲାରେ ଜୁନ ୨୧ରୁ ସମନ୍ୱିତ ସର୍ଭେକ୍ଷଣ ଆରମ୍ଭ କରାଯାଇଛି। ଆଶା କର୍ମୀମାନେ ନିୟମିତ ଘରକୁ ଘର ବୁଲି ଲୋକଙ୍କ ସ୍ୱାସ୍ଥ୍ୟାବସ୍ଥା ଯାଞ୍ଚ କରୁଥିବା ସିଡ଼ିଏମ୍‌ଓ ଡାକ୍ତର ମିଶ୍ର କହିଛନ୍ତି।

**ବାହୁଡ଼ିଲେ ତିନି ଠାକୁର**

ଖଡ଼ିଆଳ,(ଡି.ଏନ.ଏ.): ଖଡ଼ିଆଳ ରଥଯାତ୍ରା ନୂଆପଡା ଜିଲାର ସର୍ବପ୍ରାଚୀନ। ରଥଯାତ୍ରାଠାରୁ ବାହୁଡା ଯାତ୍ରା ପର୍ଯ୍ୟନ୍ତ ମହାପ୍ରଭୁ ଶ୍ରୀଜଗନ୍ନାଥ ମାଉସୀ ମା' ମନ୍ଦିର ଠାରେ ଭକ୍ତଙ୍କୁ ଦର୍ଶନ ଦେଇଥାନ୍ତି। ଶନିବାର ବାହୁଡା ଯାତ୍ରାରେ ଖଡ଼ିଆଳ ଯୁବରାଜ ଦେବ ଦେବ ସିଂଦେଓ ରଥରେ ଛେରା ପହଁରା କରିଥିବା ବେଳେ ସେବାୟତମାନେ ଠାକୁରଙ୍କୁ ରଥାରୂଢ଼ କରାଇଥିଲେ। ପରେ ଭକ୍ତମାନେ ରଥ ଟାଣି ମନ୍ଦିର ନିକଟରେ ପହଞ୍ଚିଥିଲେ। ବାହୁଡା ଯାତ୍ରାରେ ପ୍ରବଳ ଜନସମାଗମକୁ ଦୃଷ୍ଟିରେ ରଖି ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା।



## ସଂକ୍ଷେପରେ

### ନାଗସାପକୁ ଅଟକାଇଲା ପୋଷା କୁକୁର

**ମାଲିକଙ୍କ ଘରେ ପଶୁଥିଲା**



ନାଗସାପକୁ ଅଟକାଇ ରହିଛି ପୋଷା କୁକୁର।

**କୋକସରା,୯।୭(ଡି.ଏନ.ଏ.):** ପୋଷା କୁକୁର ଦେଖାଇଲା ମାଲିକ ପ୍ରତି ଥିବା ତାର ଆନୁଗତ୍ୟ। ଫଳରେ ପରିବାର ଲୋକେ ଆସନ୍ନ ବିପଦରୁ ରକ୍ଷା ପାଇ ଯାଇଥିବା ନେଇ ଚର୍ଚ୍ଚା ଜୋର ଧରିଛି। କଳାହାଣ୍ଡି ଜିଲା କୋକସରା ଗ୍ରାମର ମାଝିପଡାରେ ରହୁଥିବା କୁଳମଣି ମାଝୀଙ୍କ ବାରି ପଛପଟେ ଥିବା କୂଅ ନିକଟରୁ ଶୁକ୍ରବାର ସକାଳେ ଏକ ନାଗସାପ ତାଙ୍କ ଘରକୁ ପଶୁଥିଲା। ଏହା ଦେଖି ତାଙ୍କ ପୋଷା କୁକୁର ହଠାତ୍ ଭୁକିବା ଆରମ୍ଭ କରିବା ସହ ସାପକୁ ଯିବାରେ ବାଧା ଦେଇଥିଲା। କୁକୁର ଭୋକିବାରୁ ପରିବାର ଲୋକ ବାହାରକୁ ଆସି ଏକ ନାଗସାପ ଦେଖି ଭୟଭୀତ ହୋଇପଡିଲେ। ପରେ ସ୍ଥାନୀୟ ଜଣେ ସାପ ଧରାଳିଙ୍କୁ ଖବର ଦେଇଥିଲେ। ସାପ ଧରାଳି ସାପକୁ ଉଦ୍ଧାର କରି ନିକଟସ୍ଥ ଜଙ୍ଗଲରେ ଛାଡିଥିବା ଜଣାପଡ଼ିଛି।

### ଭାରତୀୟ ସଂସ୍କୃତି ଓ ଆଧାତ୍ମିକ ଚେତନା ଶିବିର

**ସିନାପାଲି,୯।୭ (ଡ଼ି ଏନ.ଏ.):** ନୂଆପଡା ଜିଲା ସିନାପାଲି ଅଗ୍ରସେନ ଭବନ ପରିସରରେ ସାଇ ସମିତି ପକ୍ଷରୁ ଭାରତୀୟ ସଂସ୍କୃତି ଓ ଆଧାତ୍ମିକ ଚେତନା ସମ୍ପର୍କିତ ଏକ ଦୁଇଦିନିଆ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାର ଶତାଧିକ ଭାଇ ଭଉଣୀ ଯୋଗ ଦେଇଥିଲେ। ସାଇ ସମିତିର ବିଭିନ୍ନ ପଦାଧିକାରୀ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ସାମ୍ପ୍ରତିକ ସମାଜରେ ଭାରତୀୟ ସଂସ୍କୃତି ଓ ଆଧାତ୍ମିକ ଚେତନା ସମ୍ପର୍କିତ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ। ରାଜ୍ୟ ପ୍ରତିନିଧି ଶିବ ପ୍ରସାଦ ମହାନ୍ତି, ରାଜ୍ୟ ବାହିନୀ ପାରାୟଣ ନିର୍ବାହକ ପ୍ରତାପ ମହାନ୍ତି, କଳାହାଣ୍ଡି ଜିଲା ସାଇ ସମିତି ସଂଯୋଜକ ଧର୍ମରାଜ ସାହୁ, ନୂଆପଡ଼ା ଜିଲା ସାଇ ସମିତି ସଭାପତି ଅମୋଘ ନାରାୟଣ ପଣ୍ଡା, ପୂର୍ବ ଜିଲା ସଭାପତି କୈଳାସ ଚନ୍ଦ୍ର ନାୟକ, ରାଜ୍ୟ ବାଳ ବିକାଶ ସମନ୍ୱୟ ସମିତି ସଦସ୍ୟା ବିଜୟଲକ୍ଷ୍ମୀ ଶତପଥୀ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିବା ସହିତ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଏହି ଅବସରରେ ସିନାପାଲିରେ ଏକ ଆଧାତ୍ମିକ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଶିବିରରେ ଏହି ଅଞ୍ଚଳର ସର୍ବ ପ୍ରଥମ ସାଇ ପ୍ରଚାରକ ତଥା ସାଇ ସମିତିର ପ୍ରତିଷ୍ଠାତା ସଦସ୍ୟ ସ୍ୱର୍ଗତ ପ୍ରହ୍ଲାଦ ଜୈନଙ୍କ ଧର୍ମପତ୍ନୀ ରୁକ୍ମିଣୀ ଜୈନଙ୍କୁ ରାଜ୍ୟ ସାଇ ସମିତି ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶିବିର ଅୟୋଜନ ପାଇଁ ବିଜୟ କୁମାର ସାହୁ, ବିଜୟ କୁମାର ଯୋଷୀ, ପ୍ରଦୀପ କୁମାର ଜୈନ, ପର୍ଶୁରାମ ମେହେର, ବାମଦେବ ଦାସ, ଖଗେଶ୍ୱର ବାଗଙ୍କ ସମେତ ଅନେକ ସାଇ ସେବକ ବିଶେଷ ଭୂମିକା ନିର୍ବାହ କରିଥିଲେ।

### ସିନାପାଲିରେ ଶ୍ରୀଜୀଉଙ୍କ ବାହୁଡା ଯାତ୍ରା

**ସିନାପାଲି,୯।୭(ଡି.ଏନ.ଏ.):** ଶନିବାର ସିନାପାଲିରେ ଶ୍ରୀଜୀଉଙ୍କ ବାହୁଡା ଯାତ୍ରା ଶ୍ରଦ୍ଧାଳୁଙ୍କ ଭିଡ ଭିତରେ ସମ୍ପନ୍ନ ହୋଇଯାଇଛି। ଭୋରରୁ ନେହେରୁ ମଣ୍ଡପସ୍ଥିତ ମାଉସୀ ମା' ମନ୍ଦିରରେ ରୀତିନୀତି ଅନୁଯାୟୀ ପୂଜାପାଠ ହୋଇଥିଲା। ଅପରାହ୍ଣରେ ଶ୍ରୀଜୀଉଙ୍କ ପହଣ୍ଡି ବିଜେ କରାଯାଇଥିଲା। ଜଗନ୍ନାଥ ମନ୍ଦିର ପରିଚାଳନା କମିଟିର ସଭାପତି ବୈଶମ୍ପାୟନ ମେହେରଙ୍କ ଦ୍ୱାରା ତିନି ରଥରେ ଛେରାପହଁରା ପରେ ରଥଟଣା ଆରମ୍ଭ ହୋଇଥିଲା। ବାହୁଡା ଯାତ୍ରାରେ ସୁଭଦ୍ରାଙ୍କ ଦେବଦଳନ ରଥକୁ କେବଳ ମହିଳାମାନେ ଟାଣିଥିଲେ।ସନ୍ଧ୍ୟାରେ ଶ୍ରୀଜୀଉମାନେ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ପହଞ୍ଚିଥିଲେ। ଏଥିସହ ଏହି ବ୍ଲକ ଅନ୍ତର୍ଗତ ହାତୀବନ୍ଧା, କେନ୍ଦୁମୁଣ୍ଡା, ଗୋର୍ଲା, ସାଗୁନଭା ଟିମନପୁର, ଜାମଗାଁ, ଅରସାପ ଗଣ୍ଡାବାହାଲି, ବରଗାଁ,ସିଙ୍ଘରେ ଆଦି ଗ୍ରାମରେ ଆନନ୍ଦ ଉଲ୍ଲାସର ସହ ବାହୁଡା ଯାତ୍ରା ଅନୁଷ୍ଠିତ ହୋଇଯାଇଛି।

# ୬୮ ବର୍ଷ ଶିକ୍ଷାନୁଷ୍ଠାନର ନିଜସ୍ୱ ଜମି ନାହିଁ

**ଲୋଇସିଂହା,୯।୭(ଡି.ଏନ.ଏ)**

**ହୀରାପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ**

- ହୋଇପାରୁନି ସ୍କୁଲର ଉନ୍ନତୀକରଣ
- ଜମି ଦାନ କରିଥିବା ବ୍ୟକ୍ତିଙ୍କ ଉତ୍ତରାଧିକାରୀ ଦଖଲ ନେବାକୁ ଜିଦ୍
- ଜିଲାପାଳଙ୍କୁ ଫେରାଦ ହେଲେ ଗ୍ରାମବାସୀ
- ତଦନ୍ତ କଲେ ଅତିରିକ୍ତ ତହସିଲଦାର

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ହୀରାପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ। ଏଠାରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ରହିଛି। ୧୨୦ଜଣ ଛାତ୍ରୀଛାତ୍ର ପାଠ ପଢୁଛନ୍ତି। ଶିକ୍ଷାଦାନ ପାଇଁ ୪ଜଣ ଶିକ୍ଷୟିତ୍ରୀଶିକ୍ଷକ ଅଛନ୍ତି। ହେଲେ ୬୮ବର୍ଷର ଏହି ପୁରାତନ ଶିକ୍ଷାନୁଷ୍ଠାନର ନିଜସ୍ୱ ଜମି ନାହିଁ। ଏଥିଯୋଗୁ ନୂତନ ଗୃହ ନିର୍ମାଣ ସାଙ୍ଗକୁ ଅନ୍ୟ କୌଣସି ଉନ୍ନତୀକରଣ କାମ କରାଯାଇ ପାରୁନାହିଁ। ଏବେ ସ୍କୁଲ ଠିଆ ହୋଇଥିବା ଜମିର ମାଲିକାନା ଥିବା ସତ୍ତ୍ୱାଧିକାରୀମାନେ କୌଣସି କାମ କରାଇ ଦେଉନାହାନ୍ତି। ସ୍କୁଲ ଅନ୍ୟତ୍ର ସ୍ଥାନାନ୍ତର କରି ଉକ୍ତ ଜମି ଛାଡି ଦେବାକୁ ରୋକଠୋକ ଶୁଣାଉଛନ୍ତି। ଏହିସ୍ଥିତିରେ ସ୍କୁଲରେ ଅଧ୍ୟୟନ କରୁଥିବା ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ଅନିଶ୍ଚିତତତା ମଧ୍ୟକୁ ଟାଣି ହୋଇଯାଉଛି।

ଶୁକ୍ରବାର ଗ୍ରାମବାସୀ ଜିଲାପାଳ ଚଞ୍ଚଳ ରାଣାଙ୍କୁ ଭେଟିଥିଲେ। ସେମାନେ କହିଥିଲେ ଯେ, ୧୯୫୪ ମସିହାରେ ଗ୍ରାମର ପରୀ ପଧାନ ସ୍କୁଲ ପାଇଁ ୨୮ଡିସିମିଲ ଜମିଦାନ କରିଥିଲେ। ସେହି ବର୍ଷ ଉକ୍ତ ଜମିରେ ସ୍କୁଲଘର ନିର୍ମାଣ କରାଯାଇ ଶିକ୍ଷାଦାନ ଆରମ୍ଭ ହୋଇଥିଲା। ଇତ୍ୟବସରରେ ୬୮ବର୍ଷ ବିତିଗଲାଣି। ହେଲେ ଜମି ସ୍କୁଲ ନାମରେ ରେଜିଷ୍ଟ୍ରି କରାଗଲାନାହିଁ। ଏହାକୁ ଲକ୍ଷ୍ୟ କରି ସ୍କୁଲକୁ ଜମି ଦାନ କରିଥିବା ସ୍ୱର୍ଗତ ପୀର ପଧାନଙ୍କ ଉତ୍ତରାଧିକାରୀମାନେ ଏବେ ସେହି ଜମିକୁ ଦଖଲକୁ ନେବାକୁ ଚାହୁଁଛନ୍ତି। ଅପରପକ୍ଷରେ ବହୁ ପରୁଣା ଏହି ଶିକ୍ଷାନୁଷ୍ଠାନର ଶ୍ରେଣୀଗୃହଗୁଡିକ ଆବଶ୍ୟକ ରକ୍ଷଣାବେକ୍ଷଣ ଅଭାବରୁ ଶୋଚନୀୟ ହୋଇ ପଡିଛି। ଶ୍ରେଣୀ ଗୃହ ଅଭାବରୁ ଗୋଟିଏ କୋଠରିରେ ଏକାଧିକ ଶ୍ରେଣୀର ଛାତ୍ରୀଛାତ୍ର ବସି ପାଠ ପଢୁଛନ୍ତି। ସ୍ଥାନାଭାବରୁ ଖୋଲା ସ୍ଥାନରେ ପିଲାମାନେ ମଧ୍ୟାହ୍ନଭୋଜନ କରୁଛନ୍ତି। ରାସ୍ତାକଡରେ ଥିବା ଏହି ସ୍କୁଲର ପାଚେରି ନଥିବାରୁ ପ୍ରତି ମୁହୂର୍ତ୍ତରେ ଛାତ୍ରୀଛାତ୍ରଙ୍କ ପ୍ରତି ବିପଦ ରହିଛି। ପ୍ରଶାସନିକ ସ୍ତରେ ବିଦ୍ୟାଳୟର ଉନ୍ନତୀକରଣ ପାଇଁ ଉଦ୍ୟମ କରାଯାଇଛି। ହେଲେ ସମ୍ପୃକ୍ତ ପରିବାରର ବିରୋଧ ଯୋଗୁ ବିଦ୍ୟାଳୟର ଉନ୍ନତୀକରଣ ହୋଇ ପାରୁନାହିଁ। ଏହି ସମସ୍ୟାର ସମାଧାନ ଅଥବା ସ୍କୁଲ ପାଇଁ ବିକଳ୍ପ ସ୍ଥାନ ନିରପଣ ଲାଗି ଗ୍ରାମବାସୀ ଜିଲା ପ୍ରଶାସନ, ଶିକ୍ଷା ବିଭାଗ ଓ ରାଜସ୍ୱ ବିଭାଗର ଦୃଷ୍ଟି ଆକର୍ଷଣ କରିଥିଲେ ସୁଦ୍ଧା କୌଣସି ସୁଫଳ ମିଳୁନାହିଁ। ତେଣୁ ଜିଲାପାଳ ସ୍ୱତନ୍ତ୍ରଭାବେ ଏହି ସମସ୍ୟା ସମାଧାନ ଅଥବା ଅନ୍ୟତ୍ର ଜମି ଚିହ୍ନଟ କରି ସ୍କୁଲ ନିର୍ମାଣ ଦିଗରେ ପଦକ୍ଷେପ ନେବାକୁ ଗ୍ରାମବାସୀ ଜିଲାପାଳଙ୍କ ନିକଟରେ ଦାବି କରିଛନ୍ତି। ଜିଲାପାଳଙ୍କ ନିର୍ଦ୍ଦେଶରେ ଅତିରିକ୍ତ ତହସିଲଦାର ସମ୍ପୂର୍ଣ୍ଣାନନ୍ଦ ବେଜ ଗାଁକୁ ଯାଇ ସ୍ଥିତି ଅନୁଧ୍ୟାନ କରିଛନ୍ତି।



ଜିଲାପାଳଙ୍କୁ ଫେରାଦ ହେବାକୁ ଯାଇଥିବା ଗ୍ରାମବାସୀ।

## ଆଦିବାସୀ ନୃତ୍ୟକୁ ନେଇ ଅଶ୍ଳୀଳ ମନ୍ତବ୍ୟ: ଥାନାରେ ଅଭିଯୋଗ

**ଲାଞ୍ଜିଗଡ,୯।୭(ଡି.ଏନ.ଏ.)**

ଆଦିବାସୀ ନୃତ୍ୟକୁ ନେଇ ଅଶ୍ଳୀଳ ମନ୍ତବ୍ୟ ଦିଆଯିବା ଘଟଣା ନେଇ କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକର ବିଭିନ୍ନ ଆଦିବାସୀ ସଂଗଠନ କର୍ମକର୍ତ୍ତା ଓ ବୁଦ୍ଧିଜୀବୀ ସ୍ଥାନୀୟ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଗତ ୫ ତାରିଖ ଭୁବନେଶ୍ୱରଠାରେ କୋଶଳ ରାଜ୍ୟ ଗଠନ ଦାବିରେ ଆନ୍ଦୋଳନ ହୋଇଥିଲା। ଏଥିରେ ଆଦିବାସୀମାନେ ପାରମ୍ପରିକ ନୃତ୍ୟ ପରିବେଷଣ କରିଥିଲେ। ଏହି ନୃତ୍ୟକୁ ନେଇ ଦୁଇ ଜଣ ବ୍ୟକ୍ତିଙ୍କ ଅଶ୍ଳୀଳ ମନ୍ତବ୍ୟକୁ ଆଦିବାସୀମାନେ ନିନ୍ଦା କରିବା ସହିତ ବିଭିନ୍ନ ଥାନାରେ ଏତଲା ଦାଏର କରିଛନ୍ତି। ଲାଞ୍ଜିଗଡ ବ୍ଲକର ବିଭିନ୍ନ ଆଦିବାସୀ ସଂଗଠନ କର୍ମକର୍ତ୍ତା ଥାନାରେ ଏତଲା ଦେଇଛନ୍ତି। ଲାଞ୍ଜିଗଡ ପୂର୍ବତନ ବ୍ଲକ ଅଧ୍ୟକ୍ଷ ଇ. ଫକୀର ମୋହନ ମାଝି, ଶୁକ୍ରୁ ମାଝୀ, ପ୍ରଦୀପ ମାଝି, ତୁଳସୀ ମାଝି, ସରପଞ୍ଚ ନରେନ୍ଦ୍ର ମାଝି, ପବିତ୍ର ମାଝି, ମଧୁ ମାଝି ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୁକ୍ତଙ୍କ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ପାଇଁ ସେମାନେ ଦାବି କରିଛନ୍ତି। ଲାଞ୍ଜିଗଡ ଥାନା ଅଧିକାରୀ ସତ୍ୟାନନ୍ଦ ପାତ୍ର ଏଦିଗରେ କାର୍ଯ୍ୟାନୁଷ୍ଠାନ ପାଇଁ ପ୍ରତିଶ୍ରୁତି ଦେଇଥିବା ଆଦିବାସୀ ସଂଗଠନ କର୍ମକର୍ତ୍ତାମାନେ ପ୍ରକାଶ କରିଛନ୍ତି।



ବାହୁଡା ଯାତ୍ରା ପରେ ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଧଣ୍ଡାମୁଣ୍ଡା ଜଗନ୍ନାଥ ମନ୍ଦିରରେ ଶ୍ରୀଜୀଉମାନେ।

## ରଥରୁ ପଡ଼ି ଆହତ ସେବାୟତଙ୍କ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ

**ରଥଯାତ୍ରାରେ ଘଟିଥିଲା ଅଘଟଣ**

**ଖଡ଼ିଆଳ,୯।୭(ଡି.ଏନ.ଏ.)**

ଖଡିଆଳଠାରେ ଗତ ରଥଯାତ୍ରା ଦିନ ରଥରୁ ପଡି ଗୁରୁତର ଆହତ ହୋଇ ଚିକିତ୍ସାଧୀନ ଥିବା ସେବାୟତ ବଂଶୀଧର ଆଚାର୍ଯ୍ୟଙ୍କ ଶନିବାର ଅପରାହ୍ନରେ ପରଲୋକ ଘଟିଛି। ପ୍ରକାଶ ଯେ, ଚଳିତବର୍ଷ ରଥଯାତ୍ରାରେ ଖଡିଆଳଠାରେ ରଥ ଟଣା ଯାଉଥିବା ବେଳେ ବିଦ୍ୟୁତ ତାର ରଥ ଗମ୍ବୁଜରେ ବାଜିଥିଲା। ଫଳରେ ଗମ୍ବୁଜ ଭାଙ୍ଗି ଯିବାରୁ ରଥ ଉପରେ ଥିବା ସେବାୟତ ବଂଶୀଧର ତଳକୁ ଖସି ପଡିଥିଲେ। ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା। ତାଙ୍କୁ ପ୍ରାଥମିକ ଚିକିତ୍ସା ପାଇଁ ପ୍ରଥମେ ଖଡ଼ିଆଳ ମିଶନ ହସପିଟାଲରେ ଭର୍ତ୍ତି କରାଯାଇ ପରେ ବୁର୍ଲା ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ବୁର୍ଲାରେ ଦୀର୍ଘ ୯ ଦିନ କାଳ ଆଇସିୟୁରେ ରହି ଚିକିତ୍ସିତ ହେଉଥିବା ବେଳେ ବାହୁଡାରେ ବଂଶୀଧରଙ୍କ ପରଲୋକ ଘଟିଛି। ତାଙ୍କ ବିୟୋଗରେ ରଥଯାତ୍ରା ପାଳନ କମିଟି ତଥା ସେବାୟତମାନେ ଗଭୀର ଶୋକ ପ୍ରକାଶ କରିଛନ୍ତି। ରବିବାର ତାଙ୍କ ନିଜ ଗ୍ରାମ ଖଡ଼ିଆଳରେ ଶେଷକୃତ୍ୟ ସମ୍ପନ୍ନ ହେବ ବୋଲି ଜଣାପଡିଛି।

## ଦେଓଗାଁରେ ବାହୁଡ଼ା ଯାତ୍ରା

**ଦେଓଗାଁ,୯।୭(ଡି.ଏନ.ଏ)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକରେ ଜଗନ୍ନାଥ ମହାପ୍ରଭୁଙ୍କ ବାହୁଡା ଯାତ୍ରା ସମ୍ପନ୍ନ ହୋଇଛି। ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା ସହ ରଥଟଣା ହୋଇଥିଲା। ଦେଓଗାଁରେ ବର୍ଷାଯୋଗୁଁ ରଥଟଣା ଅନେକ ସମୟଧରି ଅଟକି ରହିଥିଲା। କୁତୁର୍ଲା ପଞ୍ଚାୟତ ମୁରସିଂହ ରେଙ୍ଗାଳପଡା ଅଭିନବ ଶ୍ରୀକ୍ଷେତ୍ର ସ୍ୱର୍ଣ୍ଣଗଡରେ ବାହୁଡା ଯାତ୍ରା ହୋଇଥିଲା। ଦେଓଗାଁ ତହସିଲଦାର ଯୁଗଳ କିଶୋର ବିଶ୍ୱାଳ ଛେରା ପହଁରା କରିଥିଲେ। ସେହିପରି ସାଲେପାଲି ମାଉସୀ ମା ମନ୍ଦିରରେ ଦଶଦିନଧରି ଜଗନ୍ନାଥ ବଳଭଦ୍ର ଓ ସୁଭଦ୍ରାଙ୍କ ଦଶାବତାର ଆକର୍ଷଣର କେନ୍ଦ୍ର ସାଜିଥିଲା।



ଦେଓଗାଁ ବାହୁଡା ଯାତ୍ରାରେ ଭକ୍ତମାନେ ରଥ ଟାଣୁଛନ୍ତି।

## ବିଦ୍ୟାଳୟ ସୁରକ୍ଷା, ନିରାପତ୍ତା କାର୍ଯ୍ୟକ୍ରମ

**ରୁପ୍ରା ରୋଡ, ୯।୭(ଡି.ଏନ.ଏ.)**

କଳାହାଣ୍ଡି ଜିଲା ନର୍ଲା ବ୍ଲକ ଭୀମକେଲା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ସୁରକ୍ଷା ଓ ନିରାପତ୍ତା ଉପରେ ଆଧାରିତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ କିଶୋର ଚନ୍ଦ୍ର ଭୋଇ ଛାତ୍ରଛାତ୍ରୀମାନଙ୍କୁ ସୁରକ୍ଷା ଦୃଷ୍ଟିରୁ ଅଗ୍ନି ନିରାପତ୍ତା ଯନ୍ତ୍ରର ବ୍ୟବହାର, ସଠିକ ଉପଯୋଗ ଉପରେ ଉଦାହରଣ ରଖିଥିଲେ। ବିଦ୍ୟାଳୟ ସୁରକ୍ଷା ଦିଗରେ ଛାତ୍ର ଛାତ୍ରୀମାନଙ୍କ ଭୂମିକା ସମ୍ପର୍କରେ ମଧ୍ୟ ସୂଚନା ଦେଇଥିଲେ। ଅତିଥିଭାବେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସଞ୍ଜୟ ଭୋଇ, ପୂର୍ବତନ ସଭାପତି କୁଞ୍ଜବିହାରୀ ସାହୁ, ପରିଚାଳନା କମିଟିର ତପସିନୀ କରୁଆଁ, ଦମୟନ୍ତୀ ଜାଲ, ଦୀପାଞ୍ଜଳୀ ସୁନା ପ୍ରମୁଖ ଉପସ୍ଥିତ ଥିଲେ। ଶିକ୍ଷକ ସୁରେଶ ଚନ୍ଦ୍ର ପଧାନ, ଭରତ ଭୋଇ, ଆହ୍ଲାଦିନୀ ପୁଟେଲ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## କୃଷିମନ୍ତ୍ରୀ, ନିର୍ଦ୍ଦେଶକଙ୍କୁ ଭେଟିଲେ ଚାଷୀ ପ୍ରତିନିଧି

**ଲୋଇସିଂହା,୯।୭(ଡି.ଏନ.ଏ)**

**ମରୁଡିରୁ ବାଦ୍ ପଡ଼ିବା ଘଟଣା**

ବଲାଙ୍ଗୀର ଜିଲା ଆଗଲପୁର ବ୍ଲକର ନଅଗାଁ(ଖ), ବଡଟୀକା, ଝରଣିପାଲି, ବେନ୍ଦ୍ର ଓ ନୁନିଆଁପାଲି ଆଦି ୫ ପଞ୍ଚାୟତର ଚାଷୀ ୨୦୨୧ଖରିଫରେ ମରୁଡି ଯୋଗୁ କ୍ଷତିଗ୍ରସ୍ତ ହୋଇଥିଲେ। ହେଲେ ୨୦୨୧ମରୁଡି ତାଲିକାରେ ସମ୍ପୃକ୍ତ ପଞ୍ଚାୟତ ବାଦ୍ ପଡିଛି। ଏହାକୁ ନେଇ ସମ୍ପୃକ୍ତ ଅଞ୍ଚଳର ଚାଷୀ ମହଲରେ ପ୍ରତିକ୍ରିୟା ପ୍ରକାଶ ପାଇଛି। ଶୁକ୍ରବାର ବିଜେଡି ରାଜ୍ୟ ପରିଷଦ ସଦସ୍ୟ ନିହାର ରଞ୍ଜନ ବେହେରାଙ୍କ ନେତୃତ୍ୱରେ କୃଷକ ସାଥୀ ଶ୍ୟାମସୁନ୍ଦର ବିଶ୍ୱାଳ, ପୂର୍ଣ୍ଣଚନ୍ଦ୍ର ସାହୁ, କଳାରସିଂ ବାଗ, ହିତାଂଶୁ ସାହୁ, ଫକିର ବିଶ୍ୱାଳ ଭୁବନେଶ୍ୱରଠାରେ କୃଷିମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, କୃଷି ନିର୍ଦ୍ଦେଶକ ପ୍ରେମଚାନ୍ଦ ଚୌଧୁରୀ, ଆରସିଏସ ମୁଖ୍ୟ ଉଦ୍ଧବ ମାଝି, କୃଷିବୀମା କମ୍ପାନୀ ଅଧିକାରୀଙ୍କୁ ଭେଟି ଆଲୋଚନା କରିଥିଲେ। ବ୍ଲକର ଅନ୍ୟାନ୍ୟ ଅଞ୍ଚଳ ମରୁଡି ତାଲିକାଭୁକ୍ତ ହୋଇଥିବାବେଳେ ଅଣଜଳସେଚିତ ଉପରୋକ୍ତ ୫ ପଞ୍ଚାୟତ ମରୁଡି ତାଲିକାରୁ ବାଦ୍ ପଡିବାକୁ ନେଇ ମନ୍ତ୍ରୀ ଓ ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏହାର ପୁନର୍ବିଚାର ଦିଗରେ ପଦକ୍ଷେପ ନେବାକୁ ସେମାନେ ଅନୁରୋଧ କରିବା ସହ ଏକଦବିପତ୍ର ପ୍ରଦାନ କରିଥିଲେ। କୃଷି ନିର୍ଦ୍ଦେଶକ ଚୌଧୁରୀ ସମ୍ପୃକ୍ତ ପଞ୍ଚାୟତର ଚାଷୀମାନେ ଖୁବ୍‌ଶୀଘ୍ର ବୀମାରାଶି ପାଇବେ ବୋଲି ପ୍ରତିଶ୍ରୁତି ଦେଇଥିବା ପ୍ରତିନିଧି ଦଳ ଜଣାଇଛନ୍ତି।



କୃଷିମନ୍ତ୍ରୀଙ୍କୁ ଭେଟି ଚାଷୀ ପ୍ରତିନିଧି ଦଳ ଦାବିପତ୍ର ଦେଉଛନ୍ତି।

# ଲାଠିଯାତ୍ରା ସହ ମନ୍ଦିରକୁ ବାହୁଡ଼ିଲେ ତିନି ଠାକୁର

**କୋକସରା,୯।୭(ଡି.ଏନ.ଏ.)**

ଶନିବାର କଳାହାଣ୍ଡି ଜିଲା କୋକସରା ବ୍ଲକ ଅନ୍ତର୍ଗତ ଗୋତୋମୁଣ୍ଡା ଗ୍ରାମରେ ନିଆରା ପରମ୍ପରାରେ ବାହୁଡା ଯାତ୍ରା ସମ୍ପନ୍ନ ହୋଇଯାଇଛି। ସାହାଜଖୋଲ ସଂରକ୍ଷିତ ଜଙ୍ଗଲ ନିକଟ ଗୋତୋମୁଣ୍ଡା ଓ ଆଖପାଖ ଗ୍ରାମଗୁଡିକର ଦେବାଦେବୀଙ୍କ ଲାଠି, କୁର୍ସ ଓ କାଳିଶି ସାମିଲ ହେବା ପରେ ଏଠାରେ ବାହୁଡା ଯାତ୍ରା ହୋଇଥାଏ। ଲୋକଶ୍ରୁତି ଅନୁସାରେ ଅନେକ ବର୍ଷ ଆଗରୁ ଗୋତୋମୁଣ୍ଡା ଗାଁର ଗୌନ୍ତିଆ ଗାଁରେ ନ ଥିବା ସମୟରେ ଜଣେ ବୈରାଗୀ ଜଗନ୍ନାଥ ଙ୍କ ବିଗ୍ରହକୁ ଧରି ଗୋତୋମୁଣ୍ଡା ଆସି ଜଗନ୍ନାଥଙ୍କୁ ରଖି ପୂଜା କରିବା ପାଇଁ ଅନୁରୋଧ କରିଥିଲେ। ହେଲେ ଗ୍ରାମବାସୀ ଗୌନ୍ତିଆ ନ ଥିବାରୁ ଅନୁରୋଧ ରଖି ନ ପାରି ମନା କରି ଦେଇଥିଲେ। ପରେ ବୈରାଗୀ ବ୍ୟକ୍ତି ଜଣକ ଗୋତୋମୁଣ୍ଡା ପହଞ୍ଚି ଗୌନ୍ତିଆଙ୍କୁ ସାକ୍ଷାତ କରି ବିଗ୍ରହ ସ୍ଥାପନ କରି ପୂଜା କରିବା ପାଇଁ କହିଥିଲେ। ଏହି ସମୟରେ ଜଗନ୍ନାଥଙ୍କ ଘୋଷଯାତ୍ରା ସରି ଯାଇଥିବା ବେଳେ ବାହୁଡା ଯାତ୍ର ହୋଇ ନ ଥିଲା। ଗୌନ୍ତିଆ ବାହୁଡା ଦିନ ମହାପ୍ରଭୁଙ୍କ ବିଗ୍ରହ ଆଣିବା ପାଇଁ ଅନୁମତି ଦେଇଥିଲେ। ବାହୁଡା ଯାତ୍ରା ଦିନ ସଂଯୋଗବଶତଃ ଗ୍ରାମରେ ମଣ୍ଡେଇ ଯାତ୍ରା ଥିଲା। ଏଣୁ ଗୌନ୍ତିଆ ମଣ୍ଡେଇ ଯାତ୍ରାରେ ସାମିଲ ହୋଇଥିବା ସମସ୍ତ ଦେବାଦେବୀଙ୍କ ଲାଠି, କୁର୍ସ, କାଳିଶି ସହ ବାଜା ବଜାଇ ଜଗନ୍ନାଥଙ୍କୁ ଗ୍ରାମକୁ ପାଛୋଟି ନେଇଥିଲେ। ସେହି ଦିନରୁ ଆଜି ପର୍ଯ୍ୟନ୍ତ ଉକ୍ତ ପରମ୍ପରା ଅନୁସାରେ ବାହୁଡା ଯାତ୍ରା ହୋଇଆସୁଛି ବୋଲି ଗ୍ରାମବାସୀ ପ୍ରକାଶ କରିଛନ୍ତି।

**ନିଆରା ପରମ୍ପରା**

ଚଳିତବର୍ଷ ଗୋତୋମୁଣ୍ଡା ଓ ଆଖପାଖ ଗ୍ରାମର ଦେବାଦେବୀ ଲାଠି,କାଳିଶି ସହ ବଜାବଜାଇ ଗୋତୋମୁଣ୍ଡା ଗ୍ରାମର ଦେବୀ ପୀଠରେ ପହଞ୍ଚି ଥିଲେ। ପରେ ଦେବାଦେବୀଙ୍କ ପୂଜା ଆରମ୍ଭ ହୋଇଥଲା। ପୂଜା କାର୍ଯ୍ୟ ଶେଷ ହେବା ପରେ ଦେବାଦେବୀମାନଙ୍କର ଲାଠି, କାଳିଶି ନିଜ ନିଜର ବାଜା ବଜାଇ ମାଉସୀ ମା' ମନ୍ଦିର ଅଭିମୁଖେ ବାହାରିଥିଲେ। ମାଉସୀ ମା' ମନ୍ଦିର ପହଞ୍ଚିବା ପରେ ଦେବାଦେବୀମାନେ ମହାପ୍ରଭୁ ଜଗନ୍ନାଥଙ୍କୁ ପାଛୋଟି ନେବା ପାଇଁ ଅନୁରୋଧ କରିଥିଲେ। ଦେବାଦେବୀଙ୍କ ଅନୁରୋଧ ପରେ ତିନି ଠାକୁର ରଥ ଚାରିପଟେ ପରିକ୍ରମା କରି ରଥରେ ବିଜେ କରିବା ପରେ ରଥ ଟଣା ଆରମ୍ଭ ହୋଇଥିଲା। ପ୍ରବଳ ବର୍ଷା ସତ୍ତ୍ୱେ ଚଳିତବର୍ଷ ୫ ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ଛତିଶଗଡ଼ ରାଜ୍ୟ ସମେତ ନବରଙ୍ଗପୁର, ଦଣ୍ଡପାଟ ଅଞ୍ଚଳରୁ ଶ୍ରଦ୍ଧାଳୁମାନେ ଆସିଥିଲେ। ବାହୁଡା ଯାତ୍ରା ସୁଚାରୁ ରୂପେ ପରିଚାଳନା ପାଇଁ ଜଗନ୍ନାଥ କମିଟିର ସଭାପତି ହେମନ୍ତ ମାଝୀ, ଉପ ସଭାପତି ପାର୍ଥବ ମାଝୀ, ପୂର୍ଣ୍ଣଚନ୍ଦ୍ର ନାଏକ, ଦୁର୍ଯ୍ୟୋଧନ କାଣ୍ଡ, ହିମାଞ୍ଚଳ ପୂଝାରି, ପୂଜକ ମନୋହର ପୂଝାରୀ, ଜଗନ୍ନାଥ ପୂଜକ ସୁବାଷ ଚନ୍ଦ୍ର ଦାସ,ବଳରାମ ମାଝୀ, ବଳିଆର ସିଂ ମୋରାଇ, ହିର ହଂସ, ଭରତ ପୂଝାରୀ, ମୁକୁନ୍ଦ ନାଗେଶ, ଯଦୁମଣି ଦୁର୍ଗାଙ୍କ ସମେତ ଗ୍ରାମବାସୀ ସହଯୋଗ କରିଥିଲେ। ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ଆମପାଣି ଥାନାଧିକାରୀ ଚତୁର୍ଭୁଜ ନାଏକଙ୍କ ନେତୃତ୍ୱରେ ପୋଲିସ ଫୋର୍ସ ମୁତୟନ ରହିଥିଲା।



ଦେବା ଦେବୀଙ୍କ ଲାଠି, କାଳିଶି ସହ ମହାପ୍ରଭୁଙ୍କ ବାହୁଡା ଯାତ୍ରା।

**ବଜ୍ରପାତରେ ୨ ଗାଈ ମୃତ**

ଅମରପାଲି,(ଡି.ଏନ.ଏ.): ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅମୂଲ୍ୟମଣି ରାଣିପୁର ଗାଁରେ ବଜ୍ରପାତରେ ଯାଇଛି ୨ଟି ଗାଈଙ୍କ ଜୀବନ। ଶନିବାର ପୂର୍ବାହ୍ନରେ ଗୋରୁ ପଲ ଚରୁ ଥିବା ସମୟରେ ହଠାତ୍ ବର୍ଷା, ପବନ ସହ ବଜ୍ରପାତ ହୋଇଥିଲା। ଚାଷୀ ବେଡା କର୍ଣ୍ଣ ଓ ଫକିର ତାଙ୍କଙ୍କ ଗୋଟିଏ କରି ଗାଈ କରି ଯାଇଥିଲେ। ଉଭୟ ଚାଷୀ ଋଣ କରି ଗାଈ କ୍ରୟ କରିଥିଲେ। କ୍ଷତିଗ୍ରସ୍ତ ଚାଷୀଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ ସାଧାରଣରେ ଦାବି ହେଉଛି।

## ସଂକ୍ଷେପରେ

### ବଜ୍ରପାତରେ ଚାଷୀ ମୃତ

**ବରଗଡ଼ ଅଫିସ୍,୯।୭:** ବରଗଡ଼ ଜିଲା ଭଟଲି ଥାନା କୁଲିତାପାଲି ଗ୍ରାମରେ ଶୁକ୍ରବାର ସନ୍ଧ୍ୟାରେ ବଜ୍ରପାତରେ ଜଣେ ଚାଷୀଙ୍କ ମୃତ୍ୟୁ ହୋଇଛି। ମୃତକ ଜଣକ ହେଲେ ଉକ୍ତ ଗ୍ରାମର ସୁରେଶ ପଟେଲ। ଶନିବାର ବରଗଡ଼ ଡାକ୍ତରଖାନାରେ ମୃତଦେହ ବ୍ୟବଚ୍ଛେଦ ହୋଇଛି। ଏ ନେଇ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ କରୁଛି। ପ୍ରକାଶ ଯେ, ସୁରେଶ ଓ ତାଙ୍କ ପୁଅ ବାଚସ୍ପତିଙ୍କ କ୍ଷେତକୁ ଧାନ ବୁଣିବାକୁ ଯାଇଥିଲେ। ଧାନବୁଣା ସରିବା ପରେ ପ୍ରଥମେ ବାଚସ୍ପତି ଘରକୁ ଆସିଥିଲେ। ପରେ ସୁରେଶ ଘରକୁ ଫେରୁଥିବା ବାଟରେ ବର୍ଷା ସହ ବଜ୍ରପାତ ହୋଇଥିଲା। ଫଳରେ ସେ ଗୁରୁତର ହୋଇପଡିଥିଲେ। ତାଙ୍କୁ ଉଦ୍ଧାର କରି ଡାକ୍ତରଖାନା ଅଣାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### ଶିଶୁ ମନ୍ଦିରର ନୂତନ ଶ୍ରେଣୀଗୃହ ଉଦ୍‌ଘାଟିତ

**ବାଉଁଶୁଣୀ,୯।୭(ଡି.ଏନ.ଏ.):** ବୌଦ୍ଧ ବ୍ଲକ ବାଉଁଶୁଣୀ ସରସ୍ୱତୀ ଶିଶୁ ମନ୍ଦିରର ନବନିର୍ମିତ ଶ୍ରେଣୀ ଗୃହ ଶନିବାର ଉଦ୍‌ଘାଟିତ ହୋଇଛି। ମୁଖ୍ୟ ଅତିଥିଭାବେ ପୂର୍ବତନ ଜିଲା ପରିଷଦ ଅଧକ୍ଷା ଜ୍ୟୋସ୍ନା ଭୋଇ, ସମ୍ମାନୀତ ଅତିଥି ଜିଲା ପରିଷଦ ସଭ୍ୟ ରାକେଶ ତ୍ରିପାଠୀ, ବାଉଁଶୁଣୀ ସରପଞ୍ଚ ଅଇଁଠୁ ମହାଲିକ, ସମିତି ସଭ୍ୟ ପ୍ରମୋଦ କୁମାର ଦେହୁରୀ ଯୋଗଦେଇ ନବ ନିର୍ମିତ ଶ୍ରେଣୀଗୃହକୁ ଉଦ୍‌ଘାଟନ କରିଥିଲେ। ଶିକ୍ଷା ବିକାଶ ସମିତିର ପ୍ରଭାତ କୁମାର ଶତପଥୀ ଓ ଦଶରଥ ମେହେର ଉଦ୍‌ଘାଟନୀ ଉତ୍ସବରେ ଯୋଗଦେଇ ବିଦ୍ୟାଳୟର ପ୍ରଗତି ପଥରେ ଜନସାଧାରଣଙ୍କ ସହଯୋଗ ନିତ୍ୟାନ୍ତ ଦରକାର ବୋଲି କହିଥିଲେ । ବିଦ୍ୟାଳୟ ପରିଚାଳନା କମିଟି ସଭାପତି ହୃଦୟରଞ୍ଜନ ଖମାରୀ, ସ୍ୱାଗତ ଭାଷଣ, ପ୍ରଧାନଶିକ୍ଷକ ଦଧିବାବନ ରଣା ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଉତ୍ସବରେ ବିଦ୍ୟାଳୟ ପରିଚାଳନା ସମିତି କାର୍ଯ୍ୟକର୍ତ୍ତା, ସମସ୍ତ ଆଚାର୍ଯ୍ୟ ଆଚାର୍ଯ୍ୟା ଏବଂ ଅଭିଭାବକ ମାନେ ଉପସ୍ଥିତ ଥିଲେ। ବିଦ୍ୟାଳୟ ସମ୍ପାଦକ ସୁନୀଲ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ ।

### ପିପିଲିପାଲି ହତ୍ୟାକାଣ୍ଡ: ସାଇଣ୍ଟିଫିକ ଦଳର ତଦନ୍ତ

**ବରପାଲି,୯।୭(ଡିଏନଏ):** ବରପାଲି ବ୍ଲକ ପିପିଲିପାଲି ହତ୍ୟାକାଣ୍ଡରେ ବଲାଙ୍ଗୀରରୁ ସାଇଣ୍ଟିଫିକ ଦଳ ଆସି ଘଟଣାସ୍ଥଳରେ ତଦନ୍ତ କରିଛନ୍ତି। ଶନିବାର ପ୍ରଥମେ ଏହି ଦଳ ବରପାଲି ଆଇଆଇସି ରୋଜାଲିନ ପଟେଲଙ୍କ ସହ ଆଲୋଚନା କରିଥିଲେ। ପରେ କୁମ୍ଭାରୀ ନିକଟସ୍ଥ ପିପିଲିପାଲି ଗ୍ରାମର ଶ୍ମଶାନ ଘାଟକୁ ଯାଇ ପାଉଁଶ ଓ ହାଡ଼ ସଂଗ୍ରହ କରିଥିଲେ। ଉଲ୍ଲେଖଯୋଗ୍ୟ ଯେ, ଗତ ଶୁକ୍ରବାର ଜମି ବିବାଦ ତଥା ଘରୋଇ କଳହ ଯୋଗୁ ଟାଙ୍ଗିଆ ଚୋଟରେ ନାମ ପ୍ରଧାନ (୬୨)ଙ୍କ ମୃତ୍ୟୁ ଘଟିଥିଲା। ମୃତକଙ୍କ ସ୍ତ୍ରୀ ରମ୍ଭା ପ୍ରଧାନ ଏ ନେଇ ଅଭିଯୋଗ କରିବା ପରେ ବରପାଲି ପୋଲିସ ଏକ ମାମଲା (ନଂ. ୨୧୬/୨୨) ରୁଜୁ କରି ଦୁଇ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି।

# ବରଗଡ଼ରେ ବଢୁଛି ନିଶା କାରବାର

**ବରଗଡ଼ ଅଫିସ,୯।୭**

ବରଗଡ଼ ଜିଲାର ଗ୍ରାମାଞ୍ଚଳରୁ ସହର ପର୍ଯ୍ୟନ୍ତ ସବୁଆଡ଼େ ନିଶା କାରବାର ବଢ଼ି ଚାଲିଛି। ବିଭିନ୍ନ ଗଳିକନ୍ଦି ଏବଂ ଛକ ସ୍ଥାନରେ ଏହି କାରବାର ଚାଲିଛି। କଫ ସିରପ୍, ଚୋରାମଦ ବିକ୍ରି ସାଧାରଣରେ ପରିଣତ ହୋଇଛି। ଗଞ୍ଜେଇ, ବ୍ରାଉନ ସୁଗାର ଜିଲାକୁ ଚାଲାଣ ହେଉଛି। ଆଗରୁ କେବଳ ସହରାଞ୍ଚଳରେ କଫ ସିରପ୍ କାରବାର ଦେଖିବାକୁ ମିଳିଥିଲା। ଏବେ ଏହା ଗ୍ରାମାଞ୍ଚଳକୁ ବ୍ୟାପିଲାଣି। ଏଭଳି ନିଶା କାରବାର ରୋକିବାକୁ ଜିଲାରେ ଅବକାରୀ ବିଭାଗ ରହିଛି। ପୋଲିସର ମଧ୍ୟ ପ୍ରମୁଖ ଭୂମିକା ରହିଛି। ତେବେ ଅବକାରୀ ବିଭାଗ ଚେଇଁ ଶୋଇଥିବାବେଳେ ପୋଲିସ ଯେଭଳି କାର୍ଯ୍ୟାନୁଷ୍ଠାନ ନେଉଛି, ତାହା ଧର୍ମକୁ ଆଖିଠାର ସଦୃଶ। ପୋଲିସ ନିଶା ସାମଗ୍ରୀ ଜବତ କରୁଥିଲେ ମଧ ଏହି କାରବାରର କିଙ୍ଗପିନକୁ ଧରିବାରେ ସକ୍ଷମ ହୋଇପାରିନାହିଁ। ନିଶା ଦ୍ରବ୍ୟ ଚାଲାଣବେଳେ ପୋଲିସ ଧରୁଛି, କିନ୍ତୁ କେଉଁଠାରୁ ସେହି ନିଶାଦ୍ରବ୍ୟ ଆସୁଥିଲା, ସେଠାକୁ ପୋଲିସ କିମ୍ବା ଅବକାରୀ ବିଭାଗ ପହଞ୍ଚି ପାରୁନାହିଁ।



ବନବାସପାଲି ଅଞ୍ଚଳରୁ ଜବତ ହୋଇଥିବା କଫ୍ ସିରପ୍ ।

ଫଳରେ ଜିଲାରେ ଚାଲିଥିବା ନିଶା କାରବାରରେ ରୋକ୍ ଲାଗି ପାରୁନାହିଁ।

ନିଶା କାରବାର ଯୋଗୁ ଯୁବପିଢ଼ି ପଥଭ୍ରଷ୍ଟ ହେଉଛନ୍ତି। ସାଧାରଣ ଗଣ୍ଡଗୋଳଠାରୁ ଆରମ୍ଭ କରି ହତ୍ୟାକାଣ୍ଡ, ଲୁଟ୍‌ପାଟ୍ ଭଳି ଅପରାଧ ବଢ଼ି ଚାଲିଛି। ଏହାସତ୍ତ୍ୱେ ଜିଲାର ଅନେକ ସ୍ଥାନରେ ଅବାଧରେ ନିଶା କାରବାର ଚାଲୁଛି। ଜାତୀୟ ଓ ରାଜ୍ୟ ରାଜପଥ ପାର୍ଶ୍ୱରେ ରହିଥିବା ଅନେକ ଢ଼ାବାରେ ଖୋଲାଖୋଲି ଚୋରା ମଦ କାରବାର ଚାଲୁଛି। କିଛି ସ୍ଥାନରେ କଫ ସିରପ୍ କାରବାର ଚାଲୁଛି। ଏହାସତ୍ତ୍ୱେ ବେଆଇନ ଭାବେ ଓପନ ବାର୍ ପାଲଟିଥିବା ସମ୍ପୃକ୍ତ ଢ଼ାବା ପ୍ରତି ପୋଲିସ ଏବଂ ଅବକାରୀ ବିଭାଗ ଆଖି ବୁଜି ଦେଇଛି। ଅନ୍ୟପଟେ ସେହି ଢ଼ାବାଗୁଡ଼ିକୁ ପ୍ରତି ମାସରେ ସମ୍ପୃକ୍ତ ବିଭାଗର କିଛି ନିର୍ଦ୍ଦିଷ୍ଟ ଅଧିକାରୀ,

- ଚେରକୁ ଛୁଇଁପାରୁନି ଅବକାରୀ, ପୋଲିସ
- ଢ଼ାବା ପାଲଟିଛି ଓପନ୍ ବାର୍
- ନିଶା ସେବନରୁ ବଢ଼ୁଛି ଅପରାଧ
- କାର୍ଯ୍ୟାନୁଷ୍ଠାନ ଧର୍ମକୁ ଆଖିଠାର

କର୍ମଚାରୀ ପହଞ୍ଚି ମାସିକିଆ ବଟି ଅସୁଲି କରୁଥିବା ଅଭିଯୋଗ ହୋଇଛି। ଗାଁରୁ ସହର ପର୍ଯ୍ୟନ୍ତ ବିଭିନ୍ନ ସ୍ଥାନରେ କୁଚିଆ ମଦ ଦୋକାନ ଥିଲେ ମଧ୍ୟ ପୋଲିସ, ଅବକାରୀ ବିଭାଗ ଚୁପ୍ ବସିଛନ୍ତି।

ବର୍ଷ ବର୍ଷ ଧରି ଜିଲାରେ ଏଭଳି ନିଶା କାରବାର ଚାଲିଆସୁଛି। ପୋଲିସ, ଅବକାରୀ ବିଭାଗ ଲୋକ ଦେଖାଣିଆ ଭାବେ କାଁ ଭାଁ କାର୍ଯ୍ୟାନୁଷ୍ଠାନ ନେଉଛନ୍ତି। ଏଭଳି ନିଶା ମାଫିଆଙ୍କ ସହିତ କିଛି ନିର୍ଦ୍ଦିଷ୍ଟ ପୋଲିସ, ଅବକାରୀ କର୍ମଚାରୀଙ୍କ ସମ୍ପର୍କ ରହିଥିବା ସାଧାରଣରେ ଆଲୋଚନା ହୋଇଛି। ଗତ କିଛିବର୍ଷ ତଳେ ଅମ୍ବାଭୋନା ଥାନା ଅଞ୍ଚଳରେ ଗଞ୍ଜେଇ ଚାଲାଣ ଧରାପଡିଥିଲା। ସେହି ଘଟଣାରେ ତତ୍କାଳୀନ ଥାନାଧିକାରୀଙ୍କ ସମ୍ପୃକ୍ତି ଜଣାପଡ଼ିବା ପରେ ତାଙ୍କ ବିରୋଧରେ ମାମଲା ରୁଜୁ ସହିତ ତାଙ୍କୁ ନିଲମ୍ବିତ କରାଯାଇଥିଲା। ମାତ୍ର ଗିରଫ ଭୟରେ ସମ୍ପୃକ୍ତ ଥାନାଧିକାରୀ ସେତେବେଳେ ଫେରାର୍ ହୋଇଯାଇଥିଲେ। ଏହି କାରଣରୁ ବର୍ତ୍ତମାନ ଜିଲାରେ ବଢ଼ି ଚାଲିଥିବା ନିଶା କାରବାରରେ ନିଶା ମାଫିଆଙ୍କ ସହିତ ପୋଲିସ, ଅବକାରୀ କର୍ମଚାରୀଙ୍କ ସମ୍ପର୍କକୁ ଏଡ଼ାଇ ଦିଆଯାଇ ନ ପାରେ। ନିଶା କାରବାର ନେଇ ଏସ୍‌ଡ଼ିପିଓ ଦୀପକ କୁମାର ଗୋଚ୍ଛାୟତ କହିଛନ୍ତି, ଜିଲାରେ ନିଶାଦ୍ରବ୍ୟ କାରବାର ରୋକିବାକୁ ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ପୋଲିସ କଡ଼ା ନଜର ରଖିଛି। ପ୍ରତିଦିନ ଚଢ଼ାଉ କରି ନିଶାଦ୍ରବ୍ୟ ଜବତ ସହିତ ସଫଳ ଅଭିଯାନ ଚାଲିଛି। ଅଭ୍ୟସ୍ତ ନିଶା ବ୍ୟବସାୟୀ ଧରାପଡ଼ିଲେ ସେମାନଙ୍କ ସମ୍ପତ୍ତିକୁ କାର୍ଯ୍ୟାନୁଷ୍ଠାନରେ ସମ୍ପୃକ୍ତ କରାଯିବା ଭଳି ନୂଆ ପଦକ୍ଷେପ ନିଆଯିବାର ଯୋଜନା ରହିଛି। ଏହାସହିତ ନିଶା ସେବନରୁ ବିରତ ରହିବାକୁ ସଚେତନତା କାର୍ଯ୍ୟକ୍ରମ କରିବାକୁ ନିଷ୍ପତ୍ତି ନେଇଛୁ ବୋଲି ଗୋଚ୍ଛାୟତ କହିଥିଲେ।

## ଜମିବାଡ଼ି ବିବାଦ, ଯୁବକଙ୍କୁ ମରଣାନ୍ତକ ଆକ୍ରମଣ

**ବାଉଁଶୁଣୀ, ୯।୭(ଡି.ଏନ.ଏ.)**

ବୌଦ୍ଧ ଜିଲା ବାଉଁଶୁଣୀ ଥାନା ଡିମିରିପାଲି ଗ୍ରାମରେ ଜମିବାଡି ବିବାଦକୁ କେନ୍ଦ୍ର କରି ଜଣେ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ ହୋଇଛି। ଆକ୍ରମଣର ଶିକାର ହୋଇଛନ୍ତି ବୈଦ୍ୟନାଥପୁର ଗ୍ରାମର ସନ୍ତୋଷ କୁମାର ଅଗ୍ରୱାଲ। ଶୁକ୍ରବାର ସକାଳେ ଡିମିରିପାଲିରେ ଥିବା ତାଙ୍କ ଜମିକୁ ଯାଇ ଘର ତିଆରି କରିବାକୁ ସଫା କରୁଥିଲେ। ଏହି ସମୟରେ ସେହି ଜମିକୁ ଲାଗି ରହିଥିବା କ୍ଷେତ୍ରର କୈବଲ୍ୟ ସେଠୀ, କୁନି ସେଠୀ, ବନ ସେଠୀ, ଜିତୁ ସେଠୀ ନାମକ ଯୁବକମାନେ ଏକତ୍ରିତ ହୋଇ ସନ୍ତୋଷଙ୍କୁ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରିଥିଲେ। ପରେ ଉତ୍ୟକ୍ତ ହୋଇ ଟାଙ୍ଗିଆରେ ସନ୍ତୋଷଙ୍କୁ ଆକ୍ରମଣ କରିଥିଲେ। ସନ୍ତୋଷ ଘଟଣାସ୍ଥଳରେ ଗୁରୁତର ଅବସ୍ଥାରେ ପଡି ରହିଥିଲେ। ତାଙ୍କ ସହ ଯାଇଥିବା ଘୁଡାଖାଇ ଗ୍ରାମର ପ୍ରଫୁଲ୍ଲ ମାଝିଙ୍କଠାରୁ ଖବର ପାଇ ସନ୍ତୋଷଙ୍କ ବାପା ଶ୍ୟମଲାଲ ଅଗ୍ରୱାଲ ଘଟଣାସ୍ଥଳରେ ପହଞ୍ଚି ପୁଅକୁ ଉଦ୍ଧାର କରି ବାଉଁଶୁଣୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ବୁର୍ଲା ସ୍ଥାନାନ୍ତର କରାଯାଇଥିଲା। ପରେ ଏ ନେଇ ଶ୍ୟାମଲାଲ ବାଉଁଶୁଣୀ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ଅଭିଯୋଗକୁ ଭିତ୍ତି କରି ଥାନାରେ ଏକ ମାମଲା( ୫୯/୨୨) ରୁଜୁ କରି ପୋଲିସ ତଦନ୍ତ ଚଳାଇଛି ।

## ପଦାରେ ପଡ଼ିଛି କୋଭିଡ୍ ପରୀକ୍ଷା କିଟ୍

**ପଦ୍ମପୁର,୯।୭(ଡି.ଏନ.ଏ.)**

ପଦ୍ମପୁର ଉପଖଣ୍ଡ ଚିକିତ୍ସାଳୟ ପଛପଟରେ ଥିବା ମ୍ୟାନେଜର କଁଟା ଓ ସତର ବନ୍ଧ ମଝିରେ ଲକ୍ଷାଧିକ ଟଙ୍କାର କୋଭିଡ୍ ପରୀକ୍ଷା କିଟ୍ (ଆଣ୍ଟିଜେନ) ପଡିରହିଛି। ଶନିବାର କେତେକ ଯୁବକ ଗୋଟିଏ ବ୍ୟାଗ୍‌ରେ କିଛି କାଗଜ ଥିବା ଦେଖି ଗୋଟିଏ ଡବାକୁ ଖୋଲିଥିଲେ। ସେଥିରେ ତିନୋଟି ପ୍ୟାକେଟରୁ ୭୫ଟି ଆଣ୍ଟିଜେନ ଟେଷ୍ଟ କିଟ୍ ଥିଲା। ପରେ ଅନ୍ୟ




କୋଭିଡ୍ ପରୀକ୍ଷା କିଟ୍।

ଡବା ଖୋଲିବାରୁ ଏହି କିଟ୍ ବାହାରିଥିଲା। ଗୋଟିଏ ଡବାରେ ୨୫ଟି କିଟ୍ ରହିଥିବା ବେଳେ ତାର ମୂଲ୍ୟ ୩୭ହଜାର ୫ଶହ ରହିଛି । ଔଷଧର ଅବଧି ୨୦୨୩ ଅଗଷ୍ଟ ପର୍ଯ୍ୟନ୍ତ ରହିଛି। ଏ ସଂକ୍ରାନ୍ତରେ ଉପଖଣ୍ଡ ଚିକିତ୍ସାଧିକାରୀ ଡା. ତହସିଲ ସାହୁଙ୍କୁ ପଚାରିବାରୁ ଏହି ଘଟଣା ମୁ ଜାଣିନାହିଁ। ହସ୍ପିଟାଲ ମ୍ୟାନେଜରଙ୍କୁ ପଚାରି ବୁଝିବି। ଏ ସମ୍ପର୍କରେ ବିଧିବଦ୍ଧ ତଦନ୍ତ କରି ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

## କଫ୍ ସିରପ୍ ଜବତ, ଅଭିଯୁକ୍ତ ଗିରଫ



କଫ ସିରପ କାରବାରରେ ଗିରଫ ଅଭିଯୁକ୍ତଙ୍କୁ ପୋଲିସ ହାଜର କରିଛି।

**ବରଗଡ଼ ଅଫିସ୍,୯।୭**

ବରଗଡ଼ ସଦର ଥାନା ପୋଲିସ ବନବାସପାଲି ଗ୍ରାମରୁ ୭୩୦ ବୋତଲ କଫ୍ ସିରପ୍ ଜବତ କରିଛି। ଏଥିରେ ସେହି ଗ୍ରାମର ଯୁବକ ସାଗର ବାଗଙ୍କୁ ଗିରଫ କରାଯାଇଛି। ତାଙ୍କ ବିରୋଧରେ ସଦର ଥାନାରେ ଏକ ମାମଲା (ନଂ.୨୦୭/୨୨) ରୁଜୁ ହୋଇଛି। ଗିରଫ ଅଭିଯୁକ୍ତଙ୍କୁ ଶନିବାର ବରଗଡ଼ କୋର୍ଟକୁ ଚାଲାଣ କରାଯାଇଛି। ଅଭିଯୁକ୍ତଙ୍କ ପାଖରେ ବିପୁଳ ପରିମାଣରେ କଫ୍ ସିରପ୍ ରହିଥିବା ସୂଚନା ପାଇ ଶୁକ୍ରବାର ରାତିରେ ସଦର ଥାନାଧିକାରୀ ସ୍ୱପ୍ନାରାଣୀ ଗୋଚ୍ଛାୟତଙ୍କ ନେତୃତ୍ୱରେ ଏକ ଟିମ୍ ସେଠାରେ ଚଢ଼ାଉ କରିଥିଲା।

## ରୁଦ୍ରେଶ୍ୱର ମନ୍ଦିର ପ୍ରତିଷ୍ଠା ଉତ୍ସବ

**ସୋନପୁର,୯।୭(ନି.ପ୍ର.)**

ସୋନପୁର ଯୋଗବିହାର ଛନ୍‌ଛାନ୍ ଡୁଙ୍ଗୁରିଠାରେ ରୁଦ୍ରେଶ୍ୱର ମହାଦେବ ମନ୍ଦିରର ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ତିନିଦିନ ଧରି ଚାଲିଥିବା ଏହି ପ୍ରତିଷ୍ଠା ଉତ୍ସବରେ ହଜାର ହଜାର ଶ୍ରଦ୍ଧାଳୁ ଯୋଗ ଦେଇଥିଲେ। ଏହି ଶୁଭ ଅବସରରେ ଯୋଗ ବିହାରରେ ନିର୍ମିତ ମହର୍ଷି ପତଞ୍ଜଳି ନାମ ମଣ୍ଡପ, ଗାୟତ୍ରୀ ମୂର୍ତ୍ତି, ସର୍ବ ସିଦ୍ଧି ଦାତା ଚାର ହନୁମାନ ଗୁରୁ, ପ୍ରିୟଂବଦା ଶିଶୁ ବନ ଉଦ୍ୟାନ, ବିନୋଦିନୀ ସରୋବର ଓ ସୁଶିଳା ବିହାର ତଥା ମା ପଟ୍ଟେଇ ମନ୍ଦିରର ପ୍ରତିଷ୍ଠା ହୋଇଯାଇଛି। ଅଧିବାସ, କଳସ ଯାତ୍ରା ଓ ମଣ୍ଡଳକରଣ ପରେ ୬ ତାରିଖରେ ମନ୍ଦିର ପ୍ରତିଷ୍ଠା ଓ ନାମଯଜ୍ଞ ଏବଂ ଯୋଗେଶ୍ୱର ଭଜନ ମଣ୍ଡଳୀ ପକ୍ଷରୁ ଏକ ଭଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ୭ ତାରିଖରେ ନୀତିକାନ୍ତି ଅନୁଯାୟୀ ପୂର୍ଣ୍ଣାହୁତି, ବିଗ୍ରହ ମନ୍ଦିର ପ୍ରବେଶ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଏହି ଅବସରରେ କୋସଲି ଭକ୍ତି କବିତା ଆସର ଅନୁଷ୍ଠିତ ହୋଇଥିଲା। ପଦ୍ମଶ୍ରୀ ହଳଧର ନାଗ ମୁଖ୍ୟ ଅତିଥି ଭାବେ ଯୋଗଦେଇ କୋସଲି ଭାଷା ସଂସ୍କୃତିର ଉତ୍କର୍ଷ ସମ୍ପର୍କରେ ବର୍ଣ୍ଣନା କରିଥିଲେ। ଆସରରେ କୋସଲ ସାହିତ୍ୟ ସଂସ୍କୃତି ଏକାଡେମୀର ସମ୍ପାଦକ ଗୋରେଖନାଥ ସାହୁ ଅଧକ୍ଷତା କରିଥିଲେ। ଶିକ୍ଷାବିତ୍ ବ୍ରଜମୋହନ ଦାନୀ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିବା ବେଳେ ବରିଷ୍ଠ ସଭ୍ୟ ଦିଲ୍ଲୀପ କୁମାର ରଥ ଧନ୍ୟବାଦ ପ୍ରଦାନ କରିଥିଲେ। ନାମ ମଣ୍ଡପ ଓ ପ୍ରତିଷ୍ଠା ଉତ୍ସବରେ ସାନ୍ତାବାଳ ସାହୁ, ସୁଦାମ ମାହାଣା, ଶ୍ରଦ୍ଧାଞ୍ଜଳି ମିଶ୍ର ଓ ମିଥୁନ କୁମାର ସାହୁ କର୍ତ୍ତା ଭାବେ ଦାୟିତ୍ୱ ନିର୍ବାହ କରିଥିଲେ। ପୂଜକ ଶିବ



ପ୍ରତିଷ୍ଠା ହୋଇଥିବା ରୁଦ୍ରେଶ୍ୱର ମହାଦେବ ମନ୍ଦିର।

ନାରାୟଣ ପୂଜାରୀ, ରାଧେଶ୍ୟାମ ପୁରୋହିତ, ସୋମନାଥ ରଥ, ବିଶ୍ୱନାଥ ରଥ, ବାସୁଦେବ ଶତପଥୀ, ସୁରେଶ ଚନ୍ଦ୍ର ତ୍ରିପାଠୀ ପ୍ରମୁଖ ସମସ୍ତ କାର୍ଯ୍ୟ ନିର୍ବାହ କରିଥିଲେ। ଏହି ଅବସରରେ ମନ୍ଦିର କାରିଗର ସରୋଜ କୁମାର ଭଞ୍ଜ, ଝାଲୁ ରଣା, ସଂକୀର୍ତ୍ତନ ମଣ୍ଡଳୀ ଗୁରୁ ଦୀନବନ୍ଧୁ ଆଉଜୁଆଡି, ତାରକ ଆଉଜୁଆଡି ଓ ପୂର୍ଣ୍ଣଚନ୍ଦ୍ର କଠାରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ଆଦିବାସୀ ସଂଘ ବୈଠକ

**ବରପାଲି,୯।୭(ଡି.ଏନ.ଏ.)**

ଅତାବିରା ଥାନା ଲସ୍ତଲା ଗ୍ରାମରେ ଜଣେ ଆଦିବାସୀ ଯୁବକଙ୍କୁ ବିଦ୍ୟୁତ୍ ଖୁଣ୍ଟରେ ବାନ୍ଧି ନିର୍ଯାତନା ଦେବା ଘଟଣାରେ ପୋଲିସ ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହିଁ। ତେବେ ସମ୍ପୃକ୍ତ ପୋଲିସ ଅଧିକାରୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଆଦିବାସୀ ସଂଘ ଦାବି କରିଛି। ଶନିବାର ବରପାଲି ବ୍ଲକ ଆଦିବାସୀ ସଂଘର ଆହ୍ୱାନ କ୍ରମେ ବ୍ଲକ ସଭାପତି ଧର୍ମରାଜ ସିଂ ବରିହାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏକ ବୈଠକରେ ଏହି ଦାବି କରାଯାଇଛି। ଜିଲା ସଂଘର ପ୍ରତିଷ୍ଠାତା ଗୋବର୍ଦ୍ଧନ ଭୁଏ, ଅଖିଳ ଭାରତୀୟ ଗୋଣ୍ଡୱାନା ଗଣ୍ଡ ମହାସଭାର ମହାସଚିବ ଧନେଶର ସିଂହ, ସୋହେଲା ବ୍ଲକ ସଭାପତି ଗୋବିନ୍ଦ ବରିହା, ଭଟିଗାଁ ସରପଞ୍ଚ ହିମାଞ୍ଚଳ ସାହୁ, ଜିଲା ଉପସଭାପତି ଦୁର୍ଯ୍ୟୋଧନ ଜମିଦାର ପ୍ରମୁଖ ଯୋଗଦେଇ ଉକ୍ତ ପୋଲିସ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି । ଏହି ଦାବୀ ନେଇ ଏକ ପ୍ରତିନିଧି ଦଳ ଏସ୍‌ପିଙ୍କ ସହ ସାକ୍ଷାତ ଆଲୋଚନା କରିବେ। ଏହାପରେ କିଛି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ଆଦିବାସୀ ସଂଘ ପକ୍ଷରୁ ବ୍ୟାପକ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି। ବୈଠକରେ ବରପାଲି ବ୍ଲକର ପୁରନ୍ଦର ସିଂହ, ପ୍ରହଲ୍ଲାଦ ବିଶି, ଅଞ୍ଜଳି ମିର୍ଦ୍ଧା, ଅଲେଖ ନାୟକ, କୁମାର ଭୁଏ, ଜନାର୍ଦ୍ଦନ ବରିହା ପ୍ରମୁଖ ଯୋଗ ଦେଇଥିଲେ। ତ୍ରିଲୋଚନ ଭୁଏ ଧନ୍ୟବାଦ ଅର୍ପଣ କରିଥିଲେ।

# ଶ୍ରୀମନ୍ଦିରକୁ ବାହୁଡ଼ିଲେ ଶ୍ରୀଜୀଉ

### ବୌଦ୍ଧରେ ବାହୁଡ଼ା ଯାତ୍ରା

**ବୌଦ୍ଧ,୯।୭(ସ୍ୱ.ପ୍ର.):** ବୌଦ୍ଧର ପ୍ରସିଦ୍ଧ ବାହୁଡା ଯାତ୍ରା ଶନିବାର ପାଳିତ ହୋଇଯାଇଛି। ପ୍ରଭୁ ଶ୍ରୀଜଗନ୍ନାଥ ଭାଇ ଭଉଣୀଙ୍କ ସହ ନଅ ଦିନର ଲୀଳାଖେଳା ପରେ ଶ୍ରୀମନ୍ଦିରକୁ ବାହୁଡିଛନ୍ତି। ମାଉସୀ ମା ମନ୍ଦିରରେ ସକାଳ ନୀତିକାନ୍ତି ପରେ ତିନି ଠାକୁରଙ୍କୁ ସ୍ୱତନ୍ତ୍ର ବେଶ କରାଯାଇଥିଲା। ଅପରାହ୍ନ ୪ଟାରେ ବ୍ରାହ୍ମଣ ସେବକମାନଙ୍କ ଦ୍ୱାରା ତିନି ଠାକୁରଙ୍କୁ ମାଉସୀ ମା ମନ୍ଦିରରୁ ବାହାରକୁ ଗୋଟିପହଣ୍ଡିରେ ନିଆଯାଇଥିଲା। ଏହି ସମୟରେ ଭକ୍ତମାନଙ୍କ ଦ୍ୱାରା ବଡଦାଣ୍ଡର ବିଭିନ୍ନ ସ୍ଥାନରେ ପରମ୍ପରା ମୁତାବକ ବାଟଭୋଗ ଲାଗି କରାଯାଇଥିଲା। ବ୍ରାହ୍ମଣସେବକଙ୍କ କାନ୍ଧରେ ତିନିଠାକୁର ଝୁଲି ଝୁଲି ପହଣ୍ଡିଯାତ୍ରାରେ ଯିବାବେଳେ ସଂକୀର୍ତ୍ତନ, ଘଣ୍ଟ, ଶଙ୍ଖନାଦରେ ବଡଦାଣ୍ଡ ପୁରି ଉଠିଥିଲା। ଠାକୁରମାନଙ୍କୁ ରଥାରୁଢ କରାଯିବାପରେ ପରମ୍ପରା ଅନୁଯାୟୀ ଶିଶୁମାନଙ୍କ ରଥ ଛୁଆଁ ଓ ବୌଦ୍ଧ ରାଜପରିବାରର ସତ୍ତ୍ୱାଧିକାରୀ ଦେବେନ୍ଦ୍ର ପ୍ରସାଦ ଦେବଙ୍କ ଦ୍ୱାରା ଛେରା ପହଁରା ନୀତି ସମ୍ପୂର୍ଣ୍ଣ ହୋଇଥିଲା। ଅପରାହ୍ନ ପର୍ଯ୍ୟନ୍ତ ପାଗ ଠିକା ଥିବା ସ୍ୱତ୍ତ୍ୱେ ସନ୍ଧ୍ୟାରୁ ଝିପି ଝିପି ବର୍ଷା ସତ୍ତ୍ୱେ ରଥାରୁଢ ତିନି ଠାକୁରଙ୍କୁ ଦର୍ଶନ କରିବାକୁ ପ୍ରବଳ ଭକ୍ତଙ୍କ ସମାଗମ ହୋଇଥିଲା। ସେହିପରି ହରିଗୁଡି ରଥରେ ତିନି ଠାକୁର ରଥାରୁଢ ହେବାପରେ ପରମ୍ପରା ଅନୁଯାୟୀ ମହିଳାମାନେ ରଥ ଟାଣିଥିଲେ। ଜିଲାପାଳ ଲଲାଟେନ୍ଦୁ ମିଶ୍ର, ଏସ୍‌ପି ଜ୍ଞାନରଞ୍ଜନ ମହାନ୍ତି, ଅତିରିକ୍ତ ଜିଲାପାଳ ବବିତାରାଣୀ ଦଳବେହେରା, ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ଅଶ୍ୱିନୀ କୁମାର ମେହେର, ଉପଜିଲାପାଳ ସନତ କୁମାର ନାଏକ, ତହସିଲଦାର ଦେବୀ ପ୍ରସାଦ ଦାଶ, ସଂସ୍କୃତି ଅଧିକାରୀ ଶୁକ୍ରୁ ସ୍ୱାଇଁ ଓ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରିତାକାନ୍ତି ବଳିୟାରସିଂହ ପ୍ରମୁଖ ଉପସ୍ଥିତ ରହିବା ସହିତ ରଥ ଟାଣିଥିଲେ।



ବାହୁଡା ଯାତ୍ରାରେ ଶ୍ରୀଜୀଉଙ୍କ ପହଣ୍ଡି କରାଯାଉଛି।

# ପାତାଳି ଶ୍ରୀକ୍ଷେତ୍ରରେ ବାହୁଡ଼ା ଯାତ୍ରା

- ମନ୍ଦିରରେ ବିଜେ କଲେ ତିନି ଠାକୁର
- ଲକ୍ଷାଧିକ ଭକ୍ତଙ୍କ ସମାଗମ

**ସୋନପୁର/ଉଲୁଣ୍ଡା, ୯।୭(ନି.ପ୍ର./ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ପାତାଳି ଶ୍ରୀକ୍ଷେତ୍ରରେ ଶନିବାର ଶ୍ରୀଜୀଉଙ୍କ ବାହୁଡା ଯାତ୍ରା ସମ୍ପନ୍ନ ହୋଇଯାଇଛି। ଛଳିଆ ପାହାଡ ଓ ରଥଦାଣ୍ଡରେ ଭକ୍ତ ଓ ଭଗବାନଙ୍କ ମିଳନ ଘଟିଛି। ଲକ୍ଷାଧିକ ଭକ୍ତଙ୍କ ସମାଗମରେ ନୀତିକାନ୍ତି ସହ ଏହି ଯାତ୍ରା ପାଳନ ହୋଇଛି। ମଙ୍ଗଳ ଆଳତୀ, ଖେଚୁଡି ଭୋଗ ପରେ ଆଦି ନୀତି ଓ ଶ୍ରୀଜୀଉଙ୍କ ବେଶ ହୋଇଥିଲେ। ଦେବଦଳନ ରଥରେ ସୁଦର୍ଶନଙ୍କର କ୍ଷିପ୍ର ପହଣ୍ଡି ପରେ ଧାଡି ପହଣ୍ଡିରେ ତିନି ଠାକୁର ରଥକୁ ବିଜେ କରିଥିଲେ। ତାଳଧ୍ୱଜ ରଥରେ ଶ୍ରୀ ବଳଭଦ୍ର, ଦେବଦଳନ ରଥରେ ମା ସୁଭଦ୍ରା ଓ ନନ୍ଦିଘୋଷ ରଥରେ ଶ୍ରୀ ଜଗନ୍ନାଥ ରଥାରୂଢ ହୋଇଥିଲେ। କ୍ଷେମାଲୋଏର ଗୌନ୍ତିଆ ମିତ୍ରଭାନୁ ମହାକୁର ଓ ରେଡମର ଗୌନ୍ତିଆ ନରସିଂହ ପଧାନ ପହଣ୍ଡିରେ ଛେରା ପହଁରା କରିଥିଲେ। ସେହିପରି କୋଟସମଲାଇର ଗଡତ୍ୟା ଚମରା ଅମାତ ରଥରେ ଛେରା ପହଁରା କରିଥିଲେ। ଭକ୍ତମାନେ ରଥକୁ ଟାଣି ଛଳିଆ ପାହାଡ ପାଦ ଦେଶ ପର୍ଯ୍ୟନ୍ତ ନେଇଥିଲେ। ପୁରୋହିତମାନେ ପହଣ୍ଡି ଗୀତ ଗାଇଥିଲେ। ସେବାୟତଙ୍କ ଛତି, ଛତ୍ର, ଆଳଟ, ଚାମର, ଘଣ୍ଟ, ଘଣ୍ଟା ଓ ଶଙ୍ଖ ଧ୍ୱନିରେ କମ୍ପିଥିଲା ପାତାଳି ଶ୍ରୀକ୍ଷେତ୍ରର ପରିବେଶ। ପଙ୍କଜ ସାହୁ, ନାରାୟଣ ଦେହୁରୀ ଓ ସନ୍ତୋଷ କୁମାର ବିଶି ଧାରା ବିବରଣୀ ପ୍ରଦାନ କରିଥିଲେ। ମା ଲକ୍ଷ୍ମୀଙ୍କ ଗ୍ରହାଣୀ ବିଜେ ଅଧର ଚୁମ୍ବିତ ମାଳ ନେଇ ଛଳିଆ ପାହାଡ ମନ୍ଦିରକୁ ବିଜେ କରିଥିଲେ। ଆରକ୍ଷୀ ବାହିନୀ ଓ ଅଗ୍ନିଶମ ବିଭାଗର କର୍ମଚାରୀ ଉପସ୍ଥିତ ରହି ଯାତ୍ରାକୁ ଶାନ୍ତିଶୃଙ୍ଖଳାର ସହ ସମାପନ ପାଇଁ ସହଯୋଗ କରିଥିଲେ। ଏହି ଅବସରରେ ଛୋଟ ପିଲାଙ୍କ ରଥ ଛୁଆଁଙ୍କ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।



ପାତାଳି ଶ୍ରୀକ୍ଷେତ୍ରରେ ମହାପ୍ରଭୁଙ୍କ ବାହୁଡା ଯାତ୍ରାରେ ଶ୍ରଦ୍ଧାଳୁଙ୍କ ଭିଡ।